ସକାଳ
THE SAKALA



## ବୋଇତ ବନ୍ଦାଣ ଓ ପୀରଜାହାନିଆ ବାଲିଯାତ୍ରା ଆରମ୍ଭ

# ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ



**ଅସ୍ତରଙ୍ଗ, ୧୫।୧୧(ସମିସ)**

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ଛୁରିଅନା ଗ୍ରାମପଞ୍ଚାୟତର ପୀର ଜାହାନିଆଠାରେ ଶୁକ୍ରବାର ବାଲିଯାତ୍ରା ଆରମ୍ଭ ହୋଇଛି। ସକାଳ ସାତଟାରେ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜୀବିତ କରି ରଖିବା ଉଦ୍ଦେଶ୍ୟରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୋଇତକୁ ସୁସଜ୍ଜିତ କରାଗଲା ପରେ ପୂଜକଙ୍କ ଦ୍ୱାରା ହୋମଯଜ୍ଞ ଆଦି କରାଯାଇ ସରପଞ୍ଚ ଖିରୋଦ କାଣ୍ଡି ନଡ଼ିଆ ବାଡ଼େଇ ଉତ୍ସବର ଶୁଭାରମ୍ଭ କରିଥିଲେ। ସମିତି ସଭ୍ୟ ବିମ୍ବାଧର ବିଶ୍ୱାଳ, ଅସ୍ତରଙ୍ଗ ଥାନାର ସବ୍ ଇନ୍ସପେକ୍ଟର ଦୀପକ ସାମନ୍ତ ସିଂହାର, ଅସ୍ତରଙ୍ଗ ଅଗ୍ନିଶମ ବାହିନୀର ସୁଜିତ କୁମାର ଭୋଇ, ହାବିଲଦାର ଯଶୋବନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକ ଅଧକ୍ଷା ଆରତୀ ନାଏକ ଓ ବିଡିଓ ମଧୁସ୍ମିତା ବେହେରା ସାମିଲ ହୋଇ ବୋଇତ ବନ୍ଦାଣ ଉତ୍ସବର ଉଦ୍ଦେଶ୍ୟ ଓ ନୌବାଣିଜ୍ୟ ପରମ୍ପରା ଉପରେ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ସକାଳୁ ସକାଳୁ ସମୁଦ୍ରରେ ଶହ ଶହ ଭକ୍ତ ବୁଡ ପକାଇ ପୀର ବାବାଙ୍କୁ ଦର୍ଶନ କରିଥିଲେ। ଦୋକାନ ବଜାର ସହ ବିଭିନ୍ନ ରଙ୍ଗ ବେରଙ୍ଗର ସାଜସଜା ମେଳା ପଡ଼ିଆକୁ ସରସ ସୁନ୍ଦର କରିଛି। ବହୁ ଦୂର ଦୂରାନ୍ତରୁ ଲୋକ ମାନେ ଆସି ସମୁଦ୍ର ବେଳାଭୂମି ଓ ବଣ ଭୋଜି କରି ମଜା ନେଉଥିବା ଦେଖିବାକୁ ମିଳିଥିଲା। ଯାତ୍ରା ସ୍ଥଳରେ ବ୍ଲକ ଅଧକ୍ଷା ଆରତୀ ନାଏକ, ବିଡିଓ ସସ୍ମିତା ବେହେରା, ପୁଲିସ ବିଭାଗ, ପାନୀୟ ଜଳ ବିଭାଗ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ୍ ବିଭାଗ ସମେତ ବହୁ ସରକାରୀ କର୍ମଚାରୀ ଉପସ୍ଥିତ ରହି ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ପୁରୀ ଜିଲ୍ଲା ଅତିରିକ୍ତ ଏସ୍‌ପି ବିଷ୍ଣୁ ବରାଳ ପତି, ଗୋପ ଥାନା ଆଇଆଇସି ପ୍ରଶାନ୍ତ ପଢ଼ୀଆରି, ଅସ୍ତରଙ୍ଗ ଥାନା ଆଇଆଇସି ରାଜେଶ କୁମାର ବଳିଆରସିଂ ପ୍ରମୁଖ ଯାତ୍ରାସ୍ଥଳରେ ଉପସ୍ଥିତ ରହି ଆଇନଶୃଙ୍ଖଳା ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖିଥିଲେ।



## ଦଶମ ବୋଇତ ବନ୍ଦାଣ ଉତ୍ସବ



**ବଳଙ୍ଗା, ୧୫।୧୧(ସମିସ):** ବଳଙ୍ଗା ଥାନା ଅନ୍ତର୍ଗତ ଭାର୍ଗବୀ ନଦୀକୂଳରେ ଅବସ୍ଥିତ ନାହାମଙ୍ଗ ପାଟଣା ଗ୍ରାମରେ ଦଶମ ବୋଇତ ବନ୍ଦାଣ ଉତ୍ସବ ପିପିଲିର ପୂର୍ବତନ ବିଧାୟକ ତଥା ବୋଇତ ବନ୍ଦାଣ ଉତ୍ସବ ପରିଚାଳନା କମିଟିର ଅଧ୍ୟକ୍ଷ ରୁଦ୍ର ପ୍ରତାପ ମହାରଥୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ପୁରୀ ନିମାପଡ଼ା ସମବାୟ ବ୍ୟାଙ୍କ୍ ସଭାପତି କିଶୋର ଚନ୍ଦ୍ର ଛୋଟରାୟ, ସମାଜସେବୀ ସୁବ୍ରତ ଛାଟୋଇ, ବିଜେଡି ନେତା ଦିଲୀପ ନାୟକ, ଧରଣୀଧର ସାହୁ, ସରପଞ୍ଚ ରୀନା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସାଧବ ପୁଅ ଉତ୍କଳୀୟ କଳା, ସଂସ୍କୃତିର ପ୍ରଚାରକ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ହଜି ଯାଇଥିବା ଲୋକକଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ପୁନରୁଦ୍ଧାର ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ସ୍ୱୟଂ ସହାୟକ ଗୋଷ୍ଠୀ ଷ୍ଟଲ୍ ପକାଇଥିଲେ। ଓଡ଼ିଶୀ, ସାନ୍ତାଳୀ, ପାଇକ ଆଖଡ଼ା ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ଲବର ସମସ୍ତ ସଭ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଭିନ୍ନ ସ୍ଥାନରେ କାର୍ତ୍ତିକେଶ୍ୱର ପୂଜା



**ଟାଙ୍ଗୀ, ୧୫।୧୧(ସମିସ):** ଆଜି ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବିଭିନ୍ନ ସ୍ଥାନରେ କାର୍ତ୍ତିକେଶ୍ୱର ପୂଜା ଓ ବୋଇତ ବନ୍ଦାଣ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଚାନ୍ଦପୁର ଅଟୋରିକ୍ସା ଆସୋସିଏସନ୍ ତରଫରୁ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହୋଇଥିବା ବେଳେ ଟାଙ୍ଗୀରେ ମଧ୍ୟ ଏହି ପୂଜା ଅନୁଷ୍ଠିତ ହେବା ସହ ବୋଇତବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଜି ଟାଙ୍ଗୀ, ବଡ଼ପାରି, ଚାନ୍ଦପୁର, ମଙ୍ଗଳାଯୋଡି, କାଲୁପଡ଼ା, ଭୂଷଣ୍ଡପୁର, ସୁନ୍ଦରପୁର, ଚଣ୍ଡେଶ୍ୱର ସମେତ ବିଭିନ୍ନ ଅଞ୍ଚଳରେ ଶୈବ ମନ୍ଦିର, ରଘୁନାଥ ଦେବ ମନ୍ଦିର, ବଳରାମଦେବ ମନ୍ଦିର, ଲୋକନାଥଦେବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ଇତିହାସକୁ ମନେ ପକାଇ ଲୋକମାନେ ପୁଷ୍କରିଣୀରେ ଡଙ୍ଗା ଭସାଇ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ଦିବସ



**ନୟାହାଟ, ୧୫।୧୧(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଯୋଗେଶ୍ୱରପୁରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଭୀମସେନ ରାୟଙ୍କ ତତ୍ତ୍ୱାବଧାନରେ ଶିଶୁ ଦିବସ ଓ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟର ସଭାପତି ପ୍ରସନ୍ନ କୁମାର ସ୍ୱାଇଁ, ଉପସଭାପତି କୃଷ୍ଣଚନ୍ଦ୍ର ବାରିକ ଓ ସମ୍ପାଦକ ମାନସ କୁମାର ସାହୁ, ସହ ସମ୍ପାଦିକା ବିଷ୍ଣୁପ୍ରିୟା ନାୟକ, କୋଷାଧ୍ୟକ୍ଷ ବିମଳ କାନ୍ତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଶିଶୁ ଦିବସର ମହତ୍ତ୍ୱ ଏବଂ ସମାଜରେ ଶିଶୁର କର୍ତ୍ତବ୍ୟ ବିଷୟରେ ମଞ୍ଚାସୀନ ଅତିଥିମାନେ ମତ ରଖିଥିଲେ। ଏହାସହିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଶିଶୁମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିଶୁମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଗୁରୁଜୀ ଓ ଗୁରୁମାମାନେ ପରିଚାଳନା କରିଥିଲେ।

## ଭଜନ ପୁସ୍ତକ ଉନ୍ମୋଚିତ



**ସାକ୍ଷୀଗୋପାଳ, ୧୫।୧୧(ସମିସ):** ସତ୍ୟବାଦୀରେ ଉତ୍କଳ ସମ୍ମିଳନୀ ଆନୁକୂଲ୍ୟରେ କବି କୃପାନିଧି ପ୍ରଧାନଙ୍କ ଦ୍ୱାରା ରଚିତ ବାବା ଅକାଟେଶ୍ୱର ମହାଦେବଙ୍କ ଭଜନ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଦେବରାଜ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ କବିତା ପାଠଉତ୍ସବରେ ଶିକ୍ଷୟିତ୍ରୀ ତଥା ଶିଶୁ ସାହିତିକା ସୁଜତା ଦେବୀ ଓ ଅଭୟ ଚରଣ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ଅତିଥି ଭାବେ ଶିଶୁ ସାହିତ୍ୟିକ ଡ. ହେମନ୍ତ କୁମାର ଛୋଟରାୟ, ନାଟ୍ୟକାର ବିଭୂତି ପଟ୍ଟନାୟକ, ଅବସରପ୍ରାପ୍ତ ଅଧ୍ୟାପକ ନରେନ୍ଦ୍ର ବେହେରା, କବି ଦୀନକୃଷ୍ଣ ପ୍ରଧାନ, ସାହିତ୍ୟିକ ରବୀନ୍ଦ୍ର ନାଥ ଷଡଙ୍ଗୀ, ଗବେଷକ ଲକ୍ଷ୍ମୀଧର ସାହୁ, ଶିକ୍ଷକ ବନମାଳି ବେହେରା ଓ କ୍ଷେତ୍ରବାସିନୀ ତ୍ରିପାଠୀ, ମଞ୍ଜୁଳା ଷଡଙ୍ଗୀ ପ୍ରମୁଖ ଯୋଗଦେଇ କାର୍ତ୍ତିକ ପୂର୍ଣ୍ଣିମା ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ କବୟିତ୍ରୀ ବିଶାଖା ଦେବୀ, ସୁନନ୍ଦା ମହାନ୍ତି, ଫୁଲରାଣୀ ପାଳ, ରଞ୍ଜନ ମିଶ୍ର, ଦିଲୀପ କୁମାର ନାୟକ, ଲକ୍ଷ୍ମୀପ୍ରସାଦ ପାଣି, ରୋହିତ ଚମ୍ପତି, ପଞ୍ଚାନନ ମିଶ୍ର, ପ୍ରଭାତ ସେଠୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନ ପକ୍ଷରୁ ବହୁ ସାମ୍ବାଦିକ ଓ କବି, କବୟିତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ବିଜୟ କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ।

## 'ଆମେ ଜାଣିବା, ଆମେ ଜିଣିବା' କାର୍ଯ୍ୟକ୍ରମ



**ଡେଲାଙ୍ଗ, ୧୫।୧୧(ସମିସ):** ପୁରୀ ଜିଲ୍ଲା ପ୍ରଶାସନ ତଥା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ପ୍ୟାରେଣ୍ଟସ୍ ଆଜ୍ ପାର୍ଟନର୍ ତଥା ଶିଶୁଙ୍କ ଯତ୍ନରେ ପିତାମାତାଙ୍କ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗ ବ୍ଲକର ଗୁଆଳିପଡ଼ା ସେବାଶ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀ ଓ ଅଭିଭାବକ ମାନଙ୍କୁ କନ୍ୟା ଶିଶୁମାନଙ୍କ ଯତ୍ନ ଉପରେ ସଚେତନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଶିକ୍ଷାବିତ୍ ଗୋଲଖ ବିହାରୀ ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଜିଲ୍ଲା ମଙ୍ଗଳ ଅଧିକାରୀ ସୁଲତା ପ୍ରଧାନ, ଜି.ଉଦୟଗିରି ସିଆରସିସି ଛାଟୋଇ ମୋତିଲାଲ୍ ରାୟ, ସିଆରସିସ ପବିତ୍ର ପଣ୍ଡା, ସେବାଶ୍ରମର ପ୍ରଧାନ ଶିକ୍ଷକ ଶରତଚନ୍ଦ୍ର କଅଁର, ଶିକ୍ଷୟିତ୍ରୀ ମମତା ପ୍ରଧାନ, ପରମାନନ୍ଦ ମାଝୀ, ସୁଲୋଚନା ପରିଡ଼ା ପ୍ରମୁଖ ଯୋଗଦେଇ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ପାଠପଢ଼ା ସହିତ ସୁନ୍ଦର ପରିବେଶ ଓ ଅଭିଭାବକମାନଙ୍କୁ ଶିଶୁମାନଙ୍କ ଯତ୍ନ ସମ୍ପର୍କରେ ସଚେତନ କରାଇଥିଲେ। ସେବାଶ୍ରମର ପ୍ରଧାନ ଶିକ୍ଷକ ଶରତଚନ୍ଦ୍ର କଅଁର ବିଦ୍ୟାଳୟର ଐତିହ୍ୟ, ସଫଳତା ଓ ସମସ୍ୟା ସମ୍ପର୍କରେ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ୍ ଶ୍ରୀଧର ପ୍ରଧାନ ଅତିଥି ପରିଚୟ ପ୍ରଦାନ ସହ ସଭା ସଂଯୋଜନା କରିଥିଲେ। ବିଶେଷ କରି ଶିଶୁ କନ୍ୟା ସନ୍ତାନଙ୍କ ଯତ୍ନ, ବାଲ୍ୟବିବାହ ନିରାକରଣ ଓ ଏହାର କୁପରିଣତି, ଶିଶୁ ଶ୍ରମିକ ନିରାକରଣ ଓ ଆଇନ୍ ସମ୍ପର୍କରେ ଅତିଥିମାନେ ସଚେତନ କରାଇଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ସଙ୍ଗୀତ, ଚିତ୍ରାଙ୍କନ, ମ୍ୟୁଜିକ ଚେୟାର, ଗଣିତ ଖେଳ, ପୁଚୀ, ସୁନ୍ଦର ହସ୍ତାକ୍ଷର ଓ ନୃତ୍ୟ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଶ୍ରୀମଦ୍ ଭାଗବତ ପାରାୟଣ ସପ୍ତାହ

**କାକଟପୁର, ୧୫।୧୧(ସମିସ):** ହିନ୍ଦୁ ଧର୍ମ ତଥା ଆମ ଓଡ଼ିଆଙ୍କ ପାଇଁ କାର୍ତ୍ତିକ ମାସର ମହତ୍ତ୍ୱ ବେଶ ଗୁରୁତ୍ୱପୂର୍ଣ୍ଣ। କାର୍ତ୍ତିକ ମାସକୁ ଧର୍ମ ମାସ ହିସାବରେ ଗଣନା କରାଯାଏ। ଅଧୁନା ଯୁଗରେ ଗାଁ ପରିବେଶରେ ସହରୀ ସଭ୍ୟତାର ପ୍ରବେଶ ପରେ ଧୀରେ ଧୀରେ ଗାଁରୁ ହଜିବାକୁ ଲାଗିଲାଣି ବହୁବର୍ଷ ଧରି ବଞ୍ଚି ରହିଥିବା କଳା, ସଂସ୍କୃତି ଓ ପରମ୍ପରା। ଶ୍ରୀଜଗନ୍ନାଥ ସଂସ୍କୃତି ତଥା ଓଡ଼ିଆଙ୍କ ପବିତ୍ର ଗ୍ରନ୍ଥ ଶ୍ରୀମଦ୍ ଭାଗବତ। ମୁଖ୍ୟତଃ ଭାଗବତ ଟୁଙ୍ଗୀ କ୍ରମଶଃ ଗ୍ରାମାଞ୍ଚଳରେ ଲୋପ ପାଇବାକୁ ବସିଥିବା ବେଳେ ପୁରୀ ଜିଲ୍ଲା କାକଟପୁର ବ୍ଲକ ଅନ୍ତର୍ଗତ ସୋମନାଥପୁର ତ୍ରିପାଠୀ ସାହି ଓ ମୁଦୁଲି ସାହି ଗ୍ରାମବାସୀ ମିଳିତ ଭାବେ ଆଜି ବି ଏହି ପରମ୍ପରାକୁ ବଞ୍ଚେଇ ରଖିଛନ୍ତି। ଧର୍ମ ମାସ କାର୍ତ୍ତିକ ଅବସରରେ ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଗତ ୯ ତାରିଖଠାରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହ ବ୍ୟାପୀ ଆୟୋଜିତ ହୋଇଯାଇଛି। ରାସ ପୂର୍ଣ୍ଣିମା ଅବସରରେ କାର୍ଯ୍ୟକ୍ରମର ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ ପୂର୍ବକ ଗ୍ରାମର ୧୨ ଜଣ ବରିଷ୍ଠ ନାଗରିକଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ପୂର୍ବ ଅଭିଜ୍ଞତାକୁ ଗ୍ରାମବାସୀଙ୍କ ନିକଟରେ ବଖାଣି ଥିଲେ। ପର୍ଶୁରାମ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅରକ୍ଷିତ ମୁଦୁଲି, କେଦାର ଦାଶ, ନିମେଇଁ ଚରଣ ତ୍ରିପାଠୀ, ଝରି ମୁଦୁଲି, ବୃନ୍ଦାବନ ତ୍ରିପାଠୀ, ବିକାଶ ମୁଦୁଲି ପ୍ରମୁଖ ଭାଗବତ ସପ୍ତାହ କାର୍ଯ୍ୟକ୍ରମକୁ ପ୍ରତିବର୍ଷ ଅତ୍ୟନ୍ତ ନିଷ୍ଠା ଓ ବିଶ୍ୱାସର ସହିତ କରିବା ପାଇଁ ସଂକଳ୍ପ ନେଇଥିଲେ।



## ୩୦ ଅସହାୟ ପରିବାରକୁ ସହାୟତା



**ଗୋପ, ୧୫।୧୧(ସମିସ):** ପୁରୀ ଜିଲ୍ଲା ଗୋପ ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓଡ଼ିଶା ଜନ କଲ୍ୟାଣ ସଙ୍ଗଠନ ନିଜ ବାର୍ଷିକ ଉତ୍ସବକୁ ସେବା ଉତ୍ସବ ଭାବରେ ପାଳନ କରିଛି। ୩୦ରୁ ଊର୍ଦ୍ଧ୍ୱ ଅସହାୟ ପରିବାରକୁ ଆର୍ଥିକ ସହାୟତା ସହ ମାସିକ ରାସନ ସାମଗ୍ରୀ ପ୍ରଦାନ କରିଛନ୍ତି ସ୍ୱେଚ୍ଛାସେବୀ। ଏଥି ସହ କିଛି ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ ମଧ୍ୟ କରିଛନ୍ତି। ସଙ୍ଗଠନ ତରଫରୁ ସଭାପତି ସୁଶାନ୍ତ କୁମାର ବେହେରା, ଉପସଭାପତି ସନ୍ତୋଷ ନାୟକ, ସମ୍ପାଦକ ପ୍ରତ୍ୟୁଷ ବିଶ୍ୱାଳ, ସହ ସମ୍ପାଦକ ମୃତ୍ୟୁଞ୍ଜୟ ପାଢ଼ୀ, ମହିଳା ଶାଖା ମୁଖ୍ୟ ପରିଚାଳିକା ଦୀପ୍ତିମୟୀ ବିଶ୍ୱାଳ, ମୁଖ୍ୟ ପରାମର୍ଶଦାତା ସମୀର କୁମାର ସ୍ୱାଇଁ, ଭୀମସେନ ବାରିକ, ଦୁର୍ଗାପ୍ରସାଦ ସେନାପତି, ଅଜିତ ରଞ୍ଜନ ସାହୁ, ରଘୁନାଥ ସାହୁ, ସସ୍ମିତା ସାହୁ, ରଶ୍ମିରେଖା ବେହେରା, ସୁର୍ଣ୍ଣିମା ବିଶ୍ୱାଳ, ରମେଶ, ସୁନିଲ ପ୍ରମୁଖ ଉପସ୍ଥିତ ରହି ସହାୟତା ପ୍ରଦାନ କରିଥିଲେ।

## କାର୍ତ୍ତିକ ପୂର୍ଣ୍ଣିମା ମହୋତ୍ସବ



**ନୟାହାଟ, ୧୫।୧୧(ସମିସ):** ନୟାହାଟ ଫାଣ୍ଡି ଧୂମାଳ ପଞ୍ଚାୟତ ଅନ୍ତର୍ଗତ ଯୋଗେଶ୍ୱରପୁର ମୁଦୁଲି ସାହିଠାରେ ଥିବା ଲକ୍ଷ୍ମୀ ନାରାୟଣ ମନ୍ଦିରର ୩୦୦ତମ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଧାୟକ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧର୍ମ କାର୍ଯ୍ୟ କରିବା ଦ୍ୱାରା ଲୋକଙ୍କ ମନରେ ଈଶ୍ୱରଙ୍କ ପ୍ରତି ଭକ୍ତି ଓ ଆତ୍ମବିଶ୍ୱାସ ଆସିଥାଏ ବୋଲି ମତ ରଖିଥିଲେ। ପ୍ରତି ବର୍ଷ ଅନୁଷ୍ଠାନ ପକ୍ଷରୁ କାର୍ତ୍ତିକ ଉତ୍ସବ ପାଳନ କରାଯାଉଥିବାରୁ ବିଧାୟକ ଶ୍ରୀ ବେହେରା ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧୂମାଳ ପଞ୍ଚାୟତର ଯୁବନେତା ଅଭିମନ୍ୟୁ ସିଂହ, ସଭାପତି ଦିଲ୍ଲୀପ ରାୟ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଜ୍ୟୋତିରଞ୍ଜନ ନାୟକ, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ଜ୍ୟୋତି ରଞ୍ଜନ ଦଳାଇ ଓ ଅନୁଷ୍ଠାନର ବରିଷ୍ଠ ସଭ୍ୟ ଲାଲୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ଏସ୍‌ଡି ବିଦ୍ୟାଳୟରେ ଅଭିଭାବକ ସମାବେଶ

# 'ବିଦ୍ୟାଳୟ ପରିଚାଳନାକୁ ପରିପୁଷ୍ଟ କରେ ପିତାମାତାଙ୍କ ସହଭାଗିତା'

**କୋଣାର୍କ, ୧୫।୧୧(ସମିସ)**

ଛାତ୍ରଛାତ୍ରୀଙ୍କ ପିତାମାତା ତଥା ଅଭିଭାବକମାନେ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ଏକ ପ୍ରମୁଖ ଅଙ୍ଗ। ବିଦ୍ୟାଳୟର ପରିଚାଳନା କ୍ଷେତ୍ରରେ ପିତାମାତାଙ୍କର ଗଠନମୂଳକ ସହଯୋଗ ବିଦ୍ୟାଳୟର ଭୌତିକ ଭିତ୍ତିଭୂମିର ବିକାଶ ସମେତ ଛାତ୍ରଛାତ୍ରୀଙ୍କର ଶୈକ୍ଷିକ ଓ ସହଶୈକ୍ଷିକ ଦକ୍ଷତା ହାସଲକୁ ସୁନିଶ୍ଚିତ କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ କୋଣାର୍କସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଆଶ୍ରମ ସ୍କୁଲ ପରିସରରେ ପିତାମାତାଙ୍କ ସହଭାଗିତା( ପ୍ୟାରେଣ୍ଟ ଆଜ୍ ପାର୍ଟନର) କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ନିହାର ପ୍ରସାଦ ଲେଙ୍କା ଏବଂ ଆଶ୍ରମ ସ୍କୁଲ ପରିସରରେ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଗୋପ ମଣ୍ଡଳ ଉନ୍ନୟନ ଅଧିକାରୀ ଛବିରାଣୀ ସାହୁ ମୁଖ୍ୟ ଅତିଥିରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଭାତ କୁମାର ସିଂହ, ଗୋପ ମଣ୍ଡଳ ଅଧିକାରୀ ସୁଶୀଳ କୁମାର ବ୍ରହ୍ମା, ଶିକ୍ଷାବିତ୍ ଦୀନବନ୍ଧୁ ରଥ ଓ କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଯୋଗଦେଇ ବିଦ୍ୟାଳୟ ବିକାଶ ଦିଗରେ ଅଭିଭାବକମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଧାନଶିକ୍ଷକ ନିହାର ପ୍ରସାଦ ଲେଙ୍କା ବିଦ୍ୟାଳୟର ସାମଗ୍ରିକ କାର୍ଯ୍ୟଧାରା ସମ୍ପର୍କିତ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ସତ୍ୟସୁନ୍ଦର ମିଶ୍ର ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସ୍ପଷ୍ଟ କରିଥିଲେ। ୪ଟି ଷ୍ଟଲ୍‌ରେ ଛାତ୍ରଛାତ୍ରୀମାନେ ସାହିତ୍ୟ ସୃଜନୀ, ଜିଜ୍ଞାସା, କୌଶଳୀ ଓ କ୍ରୀଡାଙ୍ଗନ କ୍ଲବର କାର୍ଯ୍ୟଧାରା ପ୍ରଦର୍ଶନ କରିଥିଲେ। ନବମ ଶ୍ରେଣୀ ଛାତ୍ର ବିକାଶ ନାଏକ ଓ ଦଶମ ଶ୍ରେଣୀ ଛାତ୍ରୀ ତପସ୍ୱିନୀ ମାଝୀ ଅନୁଭୂତି ବର୍ଣ୍ଣନା କରିଥିଲେ। ଉଭୟ ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଭାଗିରଥୀ ପାଇକରାୟ ଓ ଶିକ୍ଷୟିତ୍ରୀ ବନଜା ମହାନ୍ତି ଏବଂ ଆଶ୍ରମ ସ୍କୁଲରେ ଶିକ୍ଷୟିତ୍ରୀ ଚିନ୍ମୟୀ ପାଢ଼ୀ ଓ ଗୀତାଞ୍ଜଳି ସ୍ୱାଇଁ ମଞ୍ଚରେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଶ୍ରମ ସ୍କୁଲରେ ଶିକ୍ଷୟିତ୍ରୀ ସଚଳା ସାହୁ ବିବରଣୀ ପାଠ କରିଥିଲେ। ଆଶ୍ରମ ସ୍କୁଲରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଡାକ୍ତର ବିଧୁଭୂଷଣ ନାୟକ, ଶିକ୍ଷାବିତ୍ ଶରତ ଚନ୍ଦ୍ର ପ୍ରଧାନ, ସମାଜସେବୀ ରାମକୃଷ୍ଣ ମହାନ୍ତି ଓ ବନପାଳ କୈଳାସ ଚନ୍ଦ୍ର ନାୟକ ଯୋଗଦେଇ ସମବେତ ଅଭିଭାବକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଉଭୟ ବିଦ୍ୟାଳୟରେ ଚମ୍ପାହାର ଅଗ୍ନିଶମ କାର୍ଯ୍ୟାଳୟର କର୍ମଚାରୀମାନେ ଅଗ୍ନି ବିପର୍ଯ୍ୟୟ ପ୍ରଶମନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ଓ ବନବିଭାଗ ପକ୍ଷରୁ ଷ୍ଟଲ୍ ଖୋଲାଯାଇ ସ୍ୱାସ୍ଥ୍ୟ ଓ ପରିବେଶ ସଚେତନତା ବାର୍ତ୍ତା ଦିଆଯାଇଥିଲା। ସରକାରୀ ଉଚ୍ଚ ବିଦ୍ୟାଳୟରେ ବରିଷ୍ଠ ଶିକ୍ଷୟିତ୍ରୀ ନୟନା ଶତପଥୀ, ରୀତା କୁମାରୀ ବଡଗାଇଆଁ, ଶିଳା ଭଟ୍ଟ, ଦୀପିକା ଜେନା, ଅମୀୟ ପ୍ରିୟଦର୍ଶିନୀ ଧାରୁଆ, ଶିକ୍ଷକ ଅର୍ଜୁନ ଦଳାଇ ଓ ଗୌରୀଶଙ୍କର ଜେନା ଏବଂ ଆଶ୍ରମ ସ୍କୁଲରେ ଶିକ୍ଷୟିତ୍ରୀ ପ୍ରୀତିସ୍ନାତା ରାଉତ, ଶିକ୍ଷକ ଦୀପକ କୁମାର ପ୍ରଧାନ ଓ ମାଟ୍ରନ ସାଗରିକା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଶ୍ରୀକ୍ଷେତ୍ର ସିଟି

୧୫/୧୧/୨୦୨୪ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୮,୬୦,୩୦୮/- ସୁନା: ୦୪.୩୦୦ ଗ୍ରାମ୍ ରୁପା: ୧୦୬.୭୦୦ ଗ୍ରାମ୍





ଶ୍ରୀକ୍ଷେତ୍ରରେ କାର୍ତ୍ତିକ ପୂର୍ଣ୍ଣିମା

# ଉଚ୍ଛୁଳିଲା ସମୁଦ୍ରକୂଳ, ତୀର୍ଥ ପୁଷ୍କରିଣୀ








ପୁରୀ,୧୫।୧୧(ସମିସ)

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସା ଏବଂ ଠାକୁରଙ୍କ ଦର୍ଶନ ସହ କାର୍ତ୍ତିକ ବ୍ରତ ଶେଷ କରିଛନ୍ତି ବ୍ରତଧାରୀ। ଏଥିପାଇଁ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀ ଏବଂ ମହୋଦଧି କୂଳରେ ପ୍ରବଳ ଭିଡ଼ ହୋଇଥିଲା। କାର୍ତ୍ତିକ ପୂର୍ଣ୍ଣିମା ନିମନ୍ତେ ପାହାନ୍ତା ପହରୁ ଚଳଚଞ୍ଚଳ ହୋଇପଡ଼ିଥିଲା ଶ୍ରୀକ୍ଷେତ୍ର ପୁରୀ।

ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇ ଶ୍ରୀକ୍ଷେତ୍ରର ବିଭିନ୍ନ ଜଳାଶୟରେ ଡଙ୍ଗା ଭସାଇଛନ୍ତି ଶ୍ରଦ୍ଧାଳୁ। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମରେ ଉଚ୍ଛୁଳି ପଡ଼ିଥିଲା ତୀର୍ଥ ପୁଷ୍କରିଣୀ ଓ ସମୁଦ୍ର ବେଳାଭୂମି। ଆ କା ମା ବୈ, ପାନ ଗୁଆ ଦେଇ, ପାନ ଗୁଆ ତୋର, ମାସକ ଧର୍ମ ମୋର... ଉଚ୍ଚାରଣରେ କମ୍ପିଥିଲା ପରିବେଶ। ଖାସ୍ କରି ଶ୍ରୀକ୍ଷେତ୍ରର ନରେନ୍ଦ୍ର ପୁଷ୍କରିଣୀ, ଶ୍ୱେତଗଙ୍ଗା,

## ପ୍ରତ୍ୟୁଷରୁ ଦେବାଳୟରେ ଲାଗିଲା ଗହଳି

ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ସମେତ ତୀର୍ଥରାଜ ମହୋଦଧିରେ ରାତ୍ରରୁ ଶେଷ ପ୍ରହରରୁ ଦେଖିବାକୁ ମିଳିଥିଲା ପ୍ରବଳ ଭିଡ଼। ବିଭିନ୍ନ ପ୍ରକାର ଡଙ୍ଗା ଧରି ସମସ୍ତେ ପହଞ୍ଚିଥିଲେ ଜଳାଶୟ କୂଳରେ। ଅନେକ ବୁଡ଼ ପକାଇ ଡଙ୍ଗାରେ ପାନ, ଗୁଆ ଆଦି ରଖି ଦୀପ ଜଳାଇ ଭସାଇ ଦେଇଥିଲେ। ପ୍ରାଚୀନ ନୌବାଣିଜ୍ୟ ପରମ୍ପରାର ସ୍ମୃତି ବହନ କରୁଥିବା ଏହି ଡଙ୍ଗା ଭସାକୁ ନଜରରେ ରଖି ବେଳାଭୂମି ଓ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଡଙ୍ଗା ଭସାଇବା ପରେ ଦେବାଳୟରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥିଲା। ଶ୍ରୀମନ୍ଦିର ବ୍ୟତୀତ ପ୍ରତ୍ୟୁଷରୁ ଦରିଆ ମହାବୀର, ସିଦ୍ଧମହାବୀର, ଆଲାମଚଣ୍ଡୀ, ନୃସିଂହ ମନ୍ଦିର, ପଞ୍ଚ ମହାଦେବ, ମାଉସୀ ମା' ମନ୍ଦିର, ମା' ବାଟମଙ୍ଗଳା ପ୍ରଭୃତି ଦେବଦେବୀଙ୍କ ପୀଠକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଶ୍ରୀକ୍ଷେତ୍ରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

# ପୁରୀବାସୀଙ୍କୁ ଧନ୍ୟବାଦ ଜଣାଇଲେ ଏସ୍‌ପି

ପୁରୀ,୧୫।୧୧(ସମିସ)

ଶେଷ ହୋଇଛି ଧର୍ମମାସ କାର୍ତ୍ତିକ। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ରତ୍ନସିଂହାସନରେ ଚତୁର୍ଦ୍ଧାବିଗ୍ରହଙ୍କର ସୁନାବେଶ ଅନୁଷ୍ଠିତ ହୋଇଥିଲା। ଦାରୁଦିଅଁଙ୍କର ଏହି ଦୁର୍ଲ୍ଲଭ ବେଶ ଦର୍ଶନ ଲାଗି ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ବେଶ୍ ଭିଡ଼ ହୋଇଥିଲା। ଗୁରୁବାର ରାତି ଶେଷ ପ୍ରହରରୁ ସିଂହଦ୍ୱାରରେ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥିଲା। ତେବେ ପୁଲିସ ପ୍ରଶାସନର ସହଯୋଗ ଫଳରେ ଭକ୍ତମାନେ ଖୁସିରେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିଛନ୍ତି। ଲକ୍ଷାଧିକ ଶ୍ରଦ୍ଧାଳୁ ଶୃଙ୍ଖଳିତ ଭାବେ ରାଜାଧିରାଜ ବେଶ ଦେଖି କୃତାର୍ଥ ହୋଇଛନ୍ତି। ବିଶେଷକରି ପୁଲିସ ପକ୍ଷରୁ ଭକ୍ତଙ୍କ ଲାଗି ଯେଉଁସବୁ ପଦକ୍ଷେପ ଗ୍ରହଣ କରାଯାଇଛି ତା'କୁ ପ୍ରଶଂସା କରିଛନ୍ତି ସମସ୍ତେ। କାର୍ତ୍ତିକ ପୂର୍ଣ୍ଣିମା ପାଇଁ ପୁଲିସ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଶୃଙ୍ଖଳିତ ଭାବେ ଗାଡି ହରେକୃଷ୍ଣପୁରରୁ ପୁରୀକୁ ଛଡା ଯାଇଥିଲା। ଫଳରେ ସହର ଭିତରେ ପୁରୀବାସୀଙ୍କ ସମେତ ଭକ୍ତ, ପର୍ଯ୍ୟଟକଙ୍କର କୌଣସି ଅସୁବିଧା ହୋଇ ନ ଥିଲା। ସେହିପରି ବୋଇତ ବନ୍ଦାଣ ପାଇଁ ସମୁଦ୍ର କୂଳରେ ଲକ୍ଷାଧିକ ଲୋକଙ୍କର ଭିଡ଼ ହୋଇଥିଲା। ତଥାପି ସମୁଦ୍ରକୂଳ ରାସ୍ତାରେ ସେମିତି ଟ୍ରାଫିକ ସମସ୍ୟା ହୋଇ ନ ଥିଲା। ଫଳରେ ସହରବାସୀ ଏସ୍‌ପି ବିନୀତ୍ ଅଗ୍ରୱାଲଙ୍କୁ ପ୍ରଶଂସା କରିଥିଲେ। ଅପରପକ୍ଷେ ପୁରୀବାସୀଙ୍କ ସହଯୋଗ ପାଇଁ ଏସ୍‌ପି ମଧ୍ୟ ପୁରୀବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଆଗକୁ ସବୁ ପର୍ବପର୍ବାଣିରେ ଏହିପରି ବ୍ୟବସ୍ଥା ହେବ ବୋଲି କହିଛନ୍ତି ଏସ୍‌ପି ଶ୍ରୀ ଅଗ୍ରୱାଲ।

# ନିମ୍ବାର୍କାଚାର୍ଯ୍ୟଙ୍କ ଜୟନ୍ତୀ ପାଳିତ



ପୁରୀ, ୧୫।୧୧ (ସମିସ)

ସନାତନ ହିନ୍ଦୁଧର୍ମର ଅନ୍ୟତମ ଯୁଗ ପ୍ରବର୍ତ୍ତକ ବୈଷ୍ଣବ ସମ୍ପ୍ରଦାୟର ସର୍ବପୁରାତନ ସମ୍ପ୍ରଦାୟ ନିମ୍ବାର୍କର ସ୍ରଷ୍ଟା ଜଗଦ୍‌ଗୁରୁ ଶ୍ରୀ ଶ୍ରୀ ନିମ୍ବାର୍କାଚାର୍ଯ୍ୟଙ୍କ ପ୍ରାକଟ୍ୟ ଦିବସ ଶୁକ୍ରବାର ରାଧାବଲ୍ଲଭ ମଠରେ ପାଳିତ ହୋଇଯାଇଛି। ମଠରେ ପ୍ରାତଃ ସମୟରୁ ବେଦ ପାଠ, ନାମ ଯଜ୍ଞ ଓ ସଂକୀର୍ତ୍ତନ ସହ ବିବିଧ କାର୍ଯ୍ୟକ୍ରମ କରାଯାଇଥିଲା। ସନ୍ଧ୍ୟାରେ ମଠର ସତ୍‌ସଙ୍ଗ ଭବନରେ ରାଧାବଲ୍ଲଭ ମଠର ମଠାଧୀଶ ରାମକୃଷ୍ଣ ଦାସ ମହାରାଜଙ୍କ ସଭାପତିତ୍ୱରେ ଏକ ଧର୍ମ ସଭା ଅନୁଷ୍ଠିତ ହୋଇଥିଲା। ଏହି ଧର୍ମସଭାରେ ନେବଳ ଦାସ ମଠର ମଠାଧୀଶ ଡ. ରାମଚରଣ ଦାସ ମହାରାଜ, ଉତ୍ତର ପାଶ୍ୱର୍ ମଠ ମହନ୍ତ ନାରାୟଣ ରାମାନୁଜ ଦାସ, ମହୀପ୍ରକାଶ ମଠ ମହନ୍ତ ଶୁଭାନନ୍ଦ ପୁରୀ ମହାରାଜ, ମଣିରାମ ଆଶ୍ରମର ମହନ୍ତ ଅଭିରାମ ଦାସ ମହାରାଜ, ପୁରୀ ଭାଗବତ ଆଶ୍ରମର ମଠାଧୀଶ ବ୍ରଜବନ୍ଧୁ ଦାସ ମହାରାଜ, ଉତ୍କଳ ବିଦ୍ୱତ୍ ପରିଷଦର ଅଧ୍ୟକ୍ଷ ମନୋଜ କୁମାର ରଥ ପ୍ରମୁଖ ଯୋଗଦେଇ ଜଗଦ୍‌ଗୁରୁ ଶ୍ରୀ ନିମ୍ବାର୍କାଚାର୍ଯ୍ୟଙ୍କ ଜୀବନୀ ଓ ସନାତନ ହିନ୍ଦୁ ଧର୍ମ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ରୀ ନିମ୍ବାର୍କାଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ଦ୍ୱୈତାଦ୍ୱୈତ ମତବାଦ ସମ୍ବନ୍ଧରେ ତତ୍ତ୍ୱଭିତ୍ତିକ ଆଲୋଚନା ସମସ୍ତଙ୍କୁ ପ୍ରଭାବିତ କରିଥିଲା। ଆଗାମୀ ଦିନରେ ଶ୍ରୀ ନିମ୍ବାର୍କଚାର୍ଯ୍ୟଙ୍କର ଜୀବନୀ ଜନସାଧାରଣଙ୍କ ନିକଟରେ ଅଧିକ କିପରି ପହଞ୍ଚିବ ସେଥିପାଇଁ ଯୋଜନା ପ୍ରସ୍ତୁତ କରିବାକୁ ମତପ୍ରକାଶ ପାଇଥିଲା। ଶେଷରେ ଶାନ୍ତିପାଠ ପୂର୍ବକ ସଭାସାଙ୍ଗ କରାଯାଇଥିଲା। ଶ୍ୟାମପ୍ରକାଶ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଆକର୍ଷଣ ସାଜିଲା ପିଲାଙ୍କ ବହି ମେଳା

**ପୁରୀ,୧୫।୧୧(ସମିସ):** ପବିତ୍ର ଶିଶୁ ଦିବସରେ ଅଠରନଳାସ୍ଥିତ ଭଗବତୀ ବିଦ୍ୟାନିକେତନ ପକ୍ଷରୁ କୌତୁକ ପୋଷାକ ପ୍ରତିଯୋଗିତା ଓ ପିଲାଙ୍କ ବହିମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ପିଲାଙ୍କ ବହିମେଳା ଏବଂ ଅପରାହ୍ନରେ ଆଖଣ୍ଡଳମଣି ତପୋବନ ପରିସରରେ କୌତୁକ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷା ମୁକୁଳଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୧୪୮ ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ବିଶିଷ୍ଟ ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶ ଏହାକୁ ଉଦ୍‌ଘାଟନ କରିଥିଲେ। ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସଭାପତି ଡ. କାର୍ତ୍ତିକ କୁମାର ଦାସ, ଏବଂ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି ବରେଣ୍ୟ ଅତିଥି ରୂପେ ଯୋଗଦାନ କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିବା ସହ ବହିମେଳା ବୁଲି ଦେଖିଥିଲେ। ବିଶିଷ୍ଟ ମଞ୍ଚ ଅଭିନେତା ବିକାଶ ଦତ୍ତ, ପ୍ରଦୀପ କୁମାର ଦାସ, ସଂଗ୍ରାମ କେଶରୀ ଦାଶ, ମହେନ୍ଦ୍ର କୁମାର ଦାଶ, କାଳୁ ଦାସ, ସିନେ ଅଭିନେତା ସମୀର ଆଚାର୍ଯ୍ୟ ବିଚାରକ ଅତିଥି ରୂପେ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ସମାରୋହରେ ବିଦ୍ୟାଳୟର ସମ୍ପାଦକ ମହେନ୍ଦ୍ର ବିଶୋଇ, ସହ ସମ୍ପାଦକ ଲକ୍ଷ୍ମୀଧର ମାଝୀ, ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଈ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ପ୍ରଜ୍ଞା ସାହୁ। ସେହିପରି ଶିକ୍ଷାଶ୍ରୀ ଶିଶୁ ପାଠାଗାର ପକ୍ଷରୁ ଅନୁଷ୍ଠିତ ପିଲାଙ୍କ ବହି ମେଳାରେ ବିଭିନ୍ନ ପ୍ରକାଶନ ସଂସ୍ଥାର ୮୭ ପ୍ରକାର ପୁସ୍ତକ ପ୍ରଦର୍ଶିତ ହୋଇଥିଲା। କବି ଶୈଳବାଳା ମହାପାତ୍ର, ଚିକିତାରକ୍ଷର ସମ୍ପାଦକ ବିପିନ ବିହାରୀ ଦଳାଇ, ସୁଲେଖାର ସମ୍ପାଦକ ସଦାଶିବ ମିଶ୍ର, ଅଭିନନ୍ଦନିକାର ସମ୍ପାଦକ ଶ୍ୟାମପ୍ରକାଶ ସେନାପତି, ସାହିତ୍ୟିକ ପ୍ରଭାତ ଚନ୍ଦ୍ର ରଥ, ପର୍ଶୁରାମ ପାତ୍ର, ଲକ୍ଷ୍ମୀକାନ୍ତ ଦଳେଇ, ପ୍ରଶାନ୍ତ ମଙ୍ଗରାଜ, କବି ମିନତୀ ପଟ୍ଟନାୟକ, ଅନ୍ନପୂର୍ଣ୍ଣା ଦେବୀ, କବିତା ମିଶ୍ର, ଦୁର୍ଗାବତୀ ପ୍ରଧାନ, ଜାନକୀ ବଲ୍ଲଭ ଦାସ, କାଶୀନାଥ ମହାପାତ୍ର, ଚାରୁଲତା ମିଶ୍ର, ରଶ୍ମୀ ବେହେରା, ଦେବସ୍ମିତା ପ୍ରଧାନ, ଶିବପ୍ରସାଦ ମିଶ୍ର, ଚିତ୍ରଶିଳ୍ପୀ ଚନ୍ଦ୍ରଶେଖର ମହାରଣାଙ୍କ ସମେତ କୁନି କୁନି ବିଦ୍ୟାର୍ଥୀ ବହିମେଳା ବୁଲି ଦେଖିଥିଲେ।

## ଶିଶୁ ଦିବସରେ କୌତୁକ ପୋଷାକ ପ୍ରତିଯୋଗିତା

# ବେଳାଭୂମି ସଫାକଲେ ସ୍ୱେଚ୍ଛାସେବୀ



**ପୁରୀ,୧୫।୧୧(ସମିସ):** କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମହୋଦଧିରେ ଲକ୍ଷାଧିକ ଶ୍ରଦ୍ଧାଳୁ ଡଙ୍ଗା ଭସାଇଥିଲେ। ଏହି ଡଙ୍ଗା ଲହଡ଼ିରେ ପୁନଶ୍ଚ ଫେରିଆସି ବେଳାଭୂମିର ବିଭିନ୍ନ ସ୍ଥାନରେ ପଡ଼ିଥିଲା। ତେଣୁ ବେଳାଭୂମି ଅପରିଷ୍କାର ହୋଇଯାଇଥିବା ବେଳେ ହୋପ୍ ଇଜ ଲାଇଫ୍ ଅନୁଷ୍ଠାନର ସ୍ୱେଚ୍ଛାସେବୀ ଚକ୍ରତୀର୍ଥ ବେଳାଭୂମିକୁ ସଫେଇ କରିଥିଲେ। ବିଗତ ବର୍ଷଗୁଡ଼ିକ ଭଳି ଏବର୍ଷ ମଧ୍ୟ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ସେବା କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସବିତା ହରିଚନ୍ଦନ, ସନ୍ତୋଷୀ ବିଶ୍ୱାଳ, ମୀରା ନାୟକ, ପିଙ୍କି ବେହେରା, ସବିତା ପୃଷ୍ଟି, ପିଙ୍କି ଜେନା, ରବିନାରାୟଣ ଦାସ, ବସନ୍ତ ବାରିକ, ମନୋଜ ମହାନ୍ତି, ସୁଶାନ୍ତ ମହାପାତ୍ର, ମାନସ ମହାନ୍ତି, ପ୍ରଶାନ୍ତ ଜେନା, ଉମାକାନ୍ତ ଦଳେଇ, ଅରକ୍ଷିତ ବେହେରା, ସନ୍ତୋଷ ବେହେରା, ଗଦାଧର ସାହୁ, ପ୍ରସନ ଆଚାର୍ଯ୍ୟ, ଆଶିଷ ଦାସ, ଆଶିଷ ଶର୍ମା, ଦୁର୍ଯ୍ୟୋଧନ ରେଡ୍ଡୀ, ବିଦୁ ମଙ୍ଗରାଜ, ଦିବାକର ଦଳେଇ ଓ ସୁରେଶ ନନ୍ଦ ପ୍ରମୁଖ ସାମିଲ ଥିଲେ।

# ମାର୍କେଟ କମ୍ପ୍ଲେକ୍ସ ପାର୍ଶ୍ୱରେ ନିଆଁ; ଦୋକାନୀ ଭୟଭୀତ

**ପୁରୀ,୧୫।୧୧(ସମିସ):** ଜଗନ୍ନାଥ ବଲ୍ଲଭ ମାର୍କେଟ କମ୍ପ୍ଲେକ୍ସ ପାର୍ଶ୍ୱରେ ନିଆଁ ଲାଗିଥିଲା। ଏହାକୁ ଦେଖି ଦୋକାନୀ ଭୟଭୀତ ହୋଇପଡିଥିଲେ। କମ୍ପ୍ଲେକ୍ସ କାନ୍ଥ ପାର୍ଶ୍ୱରେ ରହିଥିବା କାଉଁରିଆଁରେ ନିଆଁ ଲାଗିଥିଲା। ସେଠାରେ କିଛି ବ୍ୟବସାୟୀ ଜବରଦଖଲ କରି କାଉଁରିଆଁ କାଠି ରଖିଥିବାବେଳେ ଅପରାହ୍ନ ସାଢ଼େ ୩ଟାରେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ମାହାରୀ, ଗୋଟିପୁଅ ଓ ଓଡ଼ିଶୀ ନୃତ୍ୟ କର୍ମଶାଳା

**ପୁରୀ,୧୫।୧୧(ସମିସ):** ମାହାରୀ, ଗୋଟିପୁଅ ଓ ଓଡ଼ିଶୀ ନୃତ୍ୟର ବିକାଶ ପାଇଁ ସରକାର ଅଧିକ ଧ୍ୟାନ ଦେବା ଦରକାର। ସ୍ଥାନୀୟ ସର୍ବୋଦୟ ନଗର ବିକାଶ କେନ୍ଦ୍ରୀୟ ହଲ୍‌ରେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ରାଜ୍ୟସ୍ତରୀୟ କର୍ମଶାଳାରେ ଗବେଷକମାନେ ଏ ସମ୍ପର୍କରେ ବିଭିନ୍ନ ମତବ୍ୟକ୍ତ କରିବା ସହ ସନ୍ଦର୍ଭ ଉପସ୍ଥାପନ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ଓଡ଼ିଶା ଯୁବ ଚେତନା ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ଏହି କର୍ମଶାଳାର ଅତିଥି ଭାବେ ପଦ୍ମଶ୍ରୀ ଇଲିଆନା ସିତାରିଷ୍ଟି ଓ ପଦ୍ମଶ୍ରୀ ଉତ୍ସବ ଚରଣ ଦାସ, ପ୍ରବୋଧ ରଥ, ସେବେନ୍ଦ୍ର ଦାସ ଓ ବସନ୍ତ ପ୍ରଧାନ ଯୋଗଦେଇଥିଲେ। ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଡ. ମାନସୀ ବଳବନ୍ତରାୟ, ଡ. ସୁବୋଧ ମିଶ୍ର, ପ୍ରଫେସର ମନସ୍ୱିନୀ ଛୋଟରାୟ, ପ୍ରଫେସର କାଞ୍ଚନବାଳା ପୁରୋହିତ, ଡ. ନଭେଶ ବାଗ୍, ଅଧ୍ୟାପକ ସୁରସେନ ବଗର୍ତ୍ତି, ନୃତ୍ୟଗୁରୁ ସମରେଶ ମାଛୁଆ ଓ ଶୁଭଶ୍ରୀ ନାୟକ, ସାହିତ୍ୟିକ ଗଙ୍ଗୋତ୍ରୀ ମହାନନ୍ଦ ଓ ଜୟରାମ ଅଜାତଶତ୍ରୁ ଯୋଗଦେଇଥିଲେ। ପରେ ପରେ ନୃତ୍ୟଶିଳ୍ପୀମାନେ ମାହାରୀ, ଗୋଟିପୁଅ ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଧନ୍ୟବାଦ ଦେଇଥିଲେ ଉଦ୍‌ଘୋଷିକା ଶ୍ରେୟା ରାୟ।

# ସରିଲା ପଞ୍ଚକ ମହୋତ୍ସବ: ଭକ୍ତି ସଙ୍ଗୀତରେ ଭିଜିଲେ ଶ୍ରୋତା

ପୁରୀ,୧୫।୧୧(ସମିସ)



ବଡ଼ଦାଣ୍ଡସ୍ଥିତ ମାଉସୀ ମା'ଙ୍କ ମନ୍ଦିର ସମ୍ମୁଖରେ ଚାଲିଥିବା ପଞ୍ଚକ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ଏଥିରେ ବିଭିନ୍ନ ପ୍ରକାର ନୃତ୍ୟ, ଗୀତ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ପ୍ରାରମ୍ଭରେ ହରିନାମ ସଂକୀର୍ତ୍ତନ ଓ ଭଜନ ପରିବେଷଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ଭଗବାନଙ୍କୁ ଉପଲବ୍ଧି କରିବାକୁ ହେଲେ ଭକ୍ତି ମାର୍ଗର ଆବଶ୍ୟକତା ରହିଛି। ଯେଉଁଠି ଭଗବାନଙ୍କ ନାମ ସଂକୀର୍ତ୍ତନ କରାଯାଏ ସେହି ସ୍ଥାନ ଭଗବାନଙ୍କ ପ୍ରିୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ସମାଜସେବୀ ଶ୍ରୀକଣ୍ଠ ମିଶ୍ର, ବରିଷ୍ଠ ସେବାୟତ ସତ୍ୟନାରାୟଣ ଗୁରୁ, ବରିଷ୍ଠ ସେବାୟତ ରବିଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗ ଦେଇଥିଲେ। କମିଟିର ସଭାପତି ଜଗନ୍ନାଥ ଦାସ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ମହୋତ୍ସବ କମିଟି ଉପାଧ୍ୟକ୍ଷ ଚକ୍ରଧର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଂସ୍କୃତିକ କମିଟିର ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳ କାର୍ଯ୍ୟକାରୀ ସଭାପତି ବୀରେନ୍ଦ୍ର ଶାସ୍ତ୍ରୀ, ମହୋତ୍ସବ କମିଟି ସାଧାରଣ ସମ୍ପାଦକ ରାମଚନ୍ଦ୍ର ଦୋରା, କମିଟି ସମ୍ପାଦକ ମଧୁସୂଦନ ମିଶ୍ର ଗୋପୀନାଥ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ସଂଯୋଜକ ସତ୍ୟନାରାୟଣ ଦାଶ, ଜ୍ୟୋତିପ୍ରକାଶ ଜେନା, ତ୍ରିଲୋଚନ ରଥ, ରଘୁନାଥ ମହାନ୍ତି, ଗୋପୀନାଥ ମହାନ୍ତି, ଚିତ୍ତରଞ୍ଜନ ମହାନ୍ତି, ବିଶ୍ୱନାଥ ଜଗଦେବ, ବିଜୟକୃଷ୍ଣ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସାଗର ପୋଖରୀରେ ଜିଲ୍ଲାସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ





**୧୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ**

**ସକାଳେ ସିନେ କଳାକାର ଦିବ୍ୟା**

**ସନ୍ଧ୍ୟାରେ ଟି. ସୌରୀ ଓ ସଙ୍ଗୀତା**

ନୟାଗଡ଼,୧୫।୧୧(ସମିସ): ନୟାଗଡ଼ ଜିଲ୍ଲାସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଶୁକ୍ରବାର ସକାଳୁ ପୁରୁଣା ସହର ସାଗର କୂଳରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶୀତୁଆ ସକାଳରେ ୧୫ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ସେଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ଉଠାଇଛନ୍ତି। ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ସମ୍ମାନିତଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ରଣପୁର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଏସ. ସୁଶ୍ରୀ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସଚନ୍ଦ୍ର ପଣ୍ଡା, ବୋଇତ ବନ୍ଦାଣ କମିଟିର ସଭାପତି କିଶାନ କୁମାର ଦାସ ଓ ଅଭିନେତ୍ରୀ ଦିବ୍ୟା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଦର୍ଶକଙ୍କୁ ଅଭିନେତ୍ରୀ ଦିବ୍ୟା ନୃତ୍ୟ ମାଧ୍ୟମରେ ବିମୋହିତ କରିଥିଲେ। ସ୍ଥାନୀୟ କଳାକାରଙ୍କ ଦ୍ୱାରା ତଅପୋଇ ନାଟକ ପରିବେଷଣ କରାଯାଇଥିଲା। ମୁଖ୍ୟଅତିଥି ଡ. ସାହୁ ନୟାଗଡ ପୁରୁଣା ସହରର ବାସିନ୍ଦାଙ୍କ ଦ୍ୱାରା ନୟାଗଡ଼ରେ ବୋଇତ ବନ୍ଦାଣ ଉତ୍ସବ ସୁରୁଖୁରୁରେ ଅନୁଷ୍ଠିତ ହେଉଥିବାରୁ ଖୁସି ବ୍ୟକ୍ତ କରିଥିଲେ। ସମସ୍ତ କାଉନସିଲର ଓ ଜନପ୍ରତିନିଧି ଯୋଗ ଦେଇଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଉଦଯାପନ କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିବା ବେଳେ ମେଲୋଡି ଗୀତ୍ ମିଳନ୍ ଦର୍ଶକଙ୍କୁ ଆକର୍ଷିତ କରିଥିଲା। କଣ୍ଠଶିଳ୍ପୀ ଟି. ସୌରୀ ଏବଂ ସଙ୍ଗୀତା ପାଢ଼ୀଙ୍କ ସୁମଧୁର ସଙ୍ଗୀତ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

## ଦେବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ଼

ଖଣ୍ଡପଡ଼ା,୧୫।୧୧(ସମିସ): ପବିତ୍ର କାର୍ତ୍ତିକ ମାସ ମହାପଞ୍ଚୁକ ଅନ୍ତିମ ଦିବସ ବା ରାସପୂର୍ଣ୍ଣିମାରେ ସମଗ୍ର ଖଣ୍ଡପଡା ଅଞ୍ଚଳର ଶ୍ରଦ୍ଧାଳୁମାନେ ଭୋର ସମୟରୁ ସ୍ନାନ ନିତ୍ୟ କର୍ମ ସାରି ଡଙ୍ଗା ଭସାଇବା ସହ ବିଭିନ୍ନ ଦେବାଳୟ ପରିଦର୍ଶନ କରିଥିଲେ। ଖଣ୍ଡପଡା ସହରାଞ୍ଚଳର ଉମାଦେବୀ ପୀଠ, ବନମାଳିପୁର ସୋମନାଥ ଦେବ ମନ୍ଦିର, ବାହାଡାଶୁଣୀଙ୍କ ପୀଠ, ଖଳିସାହି ତୋଟା ହନୁମାନ, କଣ୍ଟିଲୋ ନୀଳମାଧବ ପୀଠ, ନାରାୟଣୀ ପୀଠ, ସିଧାମୂଳା ଗୋକୁଳାନନ୍ଦ ପୀଠ, କୋସ୍କା ଯୋଗୀଯୋଗିଆଣି ବୌଦ୍ଧ ପୀଠ, ବାଘୁଆପଲ୍ଲୀ ଆଖଣ୍ଡଳମଣିଙ୍କ ପୀଠ ସମେତ ବହୁ ପୁରପଲ୍ଲୀରେ ଥିବା ଦେବାଳୟରେ ଶତାଧିକ ଶ୍ରଦ୍ଧାଳୁ ଠାକୁର ଦର୍ଶନ କରିଥିଲେ। ରାସପୂର୍ଣ୍ଣିମା ଅବସରରେ ଖଣ୍ଡପଡା ରାଜବାଟିସ୍ଥିତ ଶ୍ରୀଜଗନ୍ନାଥ ପଦ୍ମ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ସେହିପରି ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠରେ ଅନୁଷ୍ଠିତ ବାର୍ଷିକଉତ୍ସବ ଉଦଯାପିତ ହୋଇଥିବା ବେଳେ ସକାଳୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ହଜାର ହଜାର ଶ୍ରଦ୍ଧାଳୁ ଦେବାଦେବୀଙ୍କୁ ଦର୍ଶନ କରିଥିଲେ।



## ଆଖୁରସରେ ସ୍ନାନକଲେ ଲଡୁବାବା



ଶରଣକୁଳ, ୧୫।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ତିଥିରେ ପରମ୍ପରା ଅନୁଯାୟୀ ପ୍ରଭୁ ଲଡୁବାବା ଆଖୁରସରେ ସ୍ନାନ କରିଛନ୍ତି। ଶୁକ୍ରବାର ଭୋରରୁ ଭକ୍ତଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲାଯିବା ସହ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ପରିଚ୍ଛା ତୋଷବନ୍ତ କର କ୍ଷୀରାଭିଷେକ କରି ଆଖୁରସରେ ବାବାଙ୍କୁ ସ୍ନାନ କରାଇଥିଲେ। ଲଡୁବାବାଙ୍କ ଦର୍ଶନ ପାଇଁ ହଜାର ହଜାର ସଂଖ୍ୟାରେ ଗହଳି ଲାଗି ରହିଥିଲା।

## ଜନଜାତି ଗୌରବ ଦିବସ ପାଳିତ

ଆଡ଼କଟା,୧୫।୧୧(ସମିସ): ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ କେନ୍ଦ୍ର ସରକାରଙ୍କ ମୋ ଭାରତ ସଂସ୍ଥା ତରଫରୁ ଡ. ଆର୍‌ସି ସାମନ୍ତରାୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମହାବିଦ୍ୟାଳୟଠାରେ ଜନଜାତି ଗୌରବ ଦିବସ ପାଳନ ହୋଇଯାଇଛି। ମହାବିଦ୍ୟାଳୟ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ମଳୟ କୁମାର ପଣ୍ଡା ଏବଂ ସାମାଜିକ ବିଜ୍ଞାନ ଅଧ୍ୟାପକ ଆଶିଷ କୁମାର ଧଳ ଭଗବାନ ବିର୍ସା ମୁଣ୍ଡାଙ୍କ ଜୀବନୀ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ବନ୍ଧରେ ଅନେକ ପ୍ରେରଣାଦାୟୀ ତଥ୍ୟ ପ୍ରଦାନ କରିଥିଲେ। ସାଧାରଣଜ୍ଞାନ ପରୀକ୍ଷା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ବିତରଣ କରାଯାଇଥିଲା।

## 'ଶିଶୁ ହସିଲେ ଦେଶ ହସିବ'

ଭାପୁର,୧୫।୧୧(ସମିସ): ଭାପୁର ବ୍ଲକ୍ ବଡ଼ସହରା ପଞ୍ଚାୟତ ରାମପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିଶୁ ପ୍ରତିଭା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅତିଥିମାନେ 'ଶିଶୁ ହସିଲେ ଦେଶ ହସିବ' ଉକ୍ତିରେ ଉଦ୍‌ବୋଧନ ଦେଇଥିଲେ। ଶିଶୁଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ଚିହ୍ନଟ କରି ଏହାକୁ ପରିସ୍ଫୁଟ କରିବା ଶିକ୍ଷକ-ଶିକ୍ଷୟିତ୍ରୀ ଓ ପରିବାରର ଦାୟିତ୍ୱ। ପ୍ରଧାନଶିକ୍ଷୟିତ୍ରୀ ଗାୟତ୍ରୀବାଳା ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଏବିଇଓ ସନ୍ତୋଷ କୁମାର କର ଓ ସୁବାସଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ସାହୁ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ସୁରେଶ ମହାରଣା, ଦେବେନ୍ଦ୍ର ଆଚାର୍ଯ୍ୟ ଲକ୍ଷ୍ମୀଧର ଖୁଣ୍ଟିଆ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ।

## ଦାମୋଦର ଶିଶୁରାଇଜ ବାର୍ଷିକ ଉତ୍ସବ

ଶରଣକୁଳ,୧୫।୧୧(ସମିସ): ନୟାଗଡ଼ ଜିଲ୍ଲା ଶରଣକୁଳ ପଥୁରିଆସାହି ଦାମୋଦର ଶିଶୁରାଇଜ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସପ୍ତମ ବାର୍ଷିକ ଉତ୍ସବରେ ଅନୁଷ୍ଠାନ ସଭାପତି ବିଭୂଦତ୍ତ ମହାପାତ୍ରଙ୍କ ପୌରହିତ୍ୟରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟଅତିଥି, ଜିଲ୍ଲା ପରିଷଦ ସଦସ୍ୟା ଚିନ୍ମୟୀ ଦାଶ ମୁଖ୍ୟବକ୍ତା ଓ ସମ୍ମାନିତଅତିଥି ଭାବରେ ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ସମିତିସଭ୍ୟ ପ୍ରତୀକ ମହାପାତ୍ର ଓ ଯୁବ ସମାଜସେବୀ ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରେ ଶିଶୁରାଇଜ ସମ୍ପାଦକ ସନ୍ତୋଷ କୁମାର ସାହୁ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା କରାଯାଇ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଦାମୋଦର ଶିଶୁରାଇଜର ମଦନ ସାହୁ, ମୋହନ ସାହୁ, ଆନନ୍ଦଚନ୍ଦ୍ର ସାହୁ, ଶୋଭନ ପାତ୍ର, ଜୟକୃଷ୍ଣ ସାହୁ ଓ ସମସ୍ତ ସଦସ୍ୟ-ସଦସ୍ୟା ସହଯୋଗ କରିଥିଲେ।

## ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା

କାଲୁପଡ଼ାଘାଟ,୧୫।୧୧(ସମିସ): ଚିଲିକା ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାତୃବିହାର କାଲୁପଡା ଘାଟରେ ବୁଧବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଛାତ୍ରଛାତ୍ରୀମାନେ ବିଭିନ୍ନ ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମ ସହ ଭୂଗୋଳ, ଇତିହାସ ସମ୍ବନ୍ଧିତ ପ୍ରକଳ୍ପ ପ୍ରଦର୍ଶନୀରେ ସାମିଲ କରିଥିଲେ। ଆବର୍ଜନାରୁ ବିଦ୍ୟୁତ ଉତ୍ପାଦନ ହେବା ଅବା ଗୋଳିପାଣିରୁ ଶୁଦ୍ଧ ପାନୀୟ ଜଳ ଆଦି ପ୍ରକଳ୍ପ ସ୍ଥାନ ପାଇଥିଲା। ଏହି ପ୍ରଦର୍ଶନୀରେ ୫୦୦ରୁ ଅଧିକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ମାତୃ ବିହାର ଅଧ୍ୟକ୍ଷ ସଂଜୟ ମହାପାତ୍ରଙ୍କ ସହ ବହୁ ବୁଦ୍ଧିଜୀବୀ ଓ ଅଭିଭାବକ ଏହି ପ୍ରଦର୍ଶନୀ ବୁଲି ଦେଖିଥିଲେ।

## ଉତ୍ସବମୁଖର ଫତେଗଡ଼ ଶ୍ରୀରାମ ମନ୍ଦିର › ଦର୍ଶନକଲେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ

ଭାପୁର, ୧୫।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ବିଭିନ୍ନ ଦେବାଳୟ ବ୍ୟତୀତ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଶ୍ରୀରାମ ମନ୍ଦିରରେ ନାହିଁ ନଥିବା ଭିଡ଼ ସୃଷ୍ଟି ହୋଇଥିଲା। ଦିନତମାମ ୫ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ ପ୍ରଭୁ ଶ୍ରୀରାମଙ୍କ ଦର୍ଶନ କରିଛନ୍ତି। ଶ୍ରୀରାମ ମନ୍ଦିର ସେବା ଟ୍ରଷ୍ଟ ଦ୍ୱାରା ପରିଚାଳିତ ଶ୍ରୀରାମ ମନ୍ଦିର ଫତେଗଡ଼ ଗାଁ ନିକଟ ପାହାଡ଼ର ବଉଳମାଳା ପଥରରେ ନିର୍ମିତ ହୋଇଛି। ପ୍ରାକୃତିକ ଶୋଭାରାଜି ପରିବେଷ୍ଟନୀରେ ଅବସ୍ଥିତ ତଥା ଅଯୋଧ୍ୟା ରାମମନ୍ଦିର ପ୍ରତିଷ୍ଠା ଅବସରରେ ପ୍ରତିଷ୍ଠିତ ଏହି ଭବ୍ୟ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କୁ ଏକା ସଂଗରେ ହଜାର ହଜାର ଭକ୍ତ ଦର୍ଶନ କରିଛନ୍ତି।

ପାହାଡ଼ ଉପରୁ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗି ରହିଥିଲା ବେଳେ ଯାତ୍ରୀଙ୍କ ଯାନବାହନ ମୁଖ୍ୟରାସ୍ତା ପର୍ଯ୍ୟନ୍ତ ଲମ୍ବି ରହିଥିଲା। ଏଥିପାଇଁ ଟ୍ରାଫିକ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥିଲା। କିଛି ଦିନ ତଳେ ପାହାଡ଼ ତଳେ ପାର୍କିଂ ପାଇଁ ନୂତନ ସ୍ଥାନ ନିରୂପଣ କରାଯାଇଥିଲା। ଫତେଗଡ ପୁଲିସ ପକ୍ଷରୁ ଆଜି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଶ୍ରୀରାମ ମନ୍ଦିର ସେବା ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭାପୁର ବ୍ଲକ ଉପାଧ୍ୟକ୍ଷ



ବେଣୁଧର ପ୍ରଧାନଙ୍କ ନେତୃତ୍ୱରେ ଟ୍ରଷ୍ଟ ପକ୍ଷରୁ ୧୫୦ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଥିଲେ। ଯାତାୟାତ, ପାର୍କିଂ, ଜଳଯୋଗାଣ ସମେତ ଅନେକ ସୁବିଧା ଦର୍ଶନାର୍ଥୀଙ୍କୁ ପ୍ରଦାନ କରାଯାଇଥିଲା।

## କାଳହେଲା କୁହୁଡ଼ି; ଦୁର୍ଘଟଣାରେ କିନ୍ନରଙ୍କ ମୃତ୍ୟୁ

ନୟାଗଡ଼/ରଣପୁର,୧୫।୧୧(ସମିସ): ନୟାଗଡ଼ ଜିଲ୍ଲା ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି ଅନ୍ତର୍ଗତ ଦର୍ପନାରାୟଣପୁର ଦୁର୍ଗା ମଣ୍ଡପ ନିକଟରେ ଭୋର ସମୟରେ ଏକ ହାଇୱା ଗାଡ଼ି ପଛପଟୁ ଏକ ସ୍କୁଟି ଧକ୍କା ହେବା ଫଳରେ ଜଣେ କିନ୍ନରଙ୍କ ମୃତ୍ୟୁ ଘଟିଛି। ଭୋରରେ ପ୍ରବଳ କୁହୁଡ଼ି ଯୋଗୁଁ ଏହି ଦୁର୍ଘଟଣା ଘଟିଛି। ମୃତ କିନ୍ନର ହେଉଛନ୍ତି, ରଣପୁର ଥାନା କାଣ୍ଡପଡ଼ା ପଞ୍ଚାୟତ କରଡ଼ାପଲ୍ଲା ଗ୍ରାମର ସୂର୍ଯ୍ୟକାନ୍ତ ଓରଫ ରାଣୀ ସାହୁ। ସେ ଦୀର୍ଘଦୀନ ହେଲା ବିଭିନ୍ନ ଗ୍ରାମ୍ୟ ନାଟ୍ୟଦଳରେ ଅଭିନୟ କରି ଆସୁଥିଲେ। ଗଡବାଣିକିଲୋଠାରେ ଏକ ନାଟ୍ୟ ଦଳରେ ଅଭିନୟ ସାରି ଭୋର ସମୟରେ ନୟାଗଡ଼ ଫେରୁଥିଲେ। ଠିଆ ହୋଇଥିବା ଗାଡ଼ିରେ ସ୍କୁଟି ପିଟିବା ଯୋଗୁଁ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସରେ ଦର୍ପନାରାୟଣପୁର ଡାକ୍ତରଖାନାକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପଛରେ ବସିଥିବା ଅନ୍ୟତମ ଯାତ୍ରା କଳାକାର ସାମାନ୍ୟ ଆହତ ହୋଇଛନ୍ତି। ଦର୍ପନାରାୟଣପୁର ପୁଲିସ ସ୍କୁଟି ଜବତ ସହ ଯୁବକଙ୍କ ଶବକୁ ଶରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ସୂର୍ଯ୍ୟକାନ୍ତଙ୍କ ମୃତ୍ୟୁ ଫଳରେ କାଣ୍ଡପଡା ପଞ୍ଚାୟତ ଓ ଯାତ୍ରା କଳାକାରଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

## ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ ଉତ୍ସବ



ନୟାଗଡ଼,୧୫।୧୧(ସମିସ): ନୟାଗଡ଼ ବ୍ଲକ୍ ପାଣିପୋଇଲା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ପଞ୍ଚଦଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିରର ସଂପାଦକ ମନୋରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱ କରିବା ସହ ପ୍ରାରମ୍ଭିକ ସୂଚନା ଏବଂ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିଶୁପ୍ରେମୀ ଜନନାୟକ ପଣ୍ଡିତ୍ ନେହରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଶିଶୁମାନେ ଦେଶ ଗଠନରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ବଉଳସାହି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପ୍ରାଣୀ ବିଜ୍ଞାନର ଅଧ୍ୟାପକ ଆଲୋକଚନ୍ଦ୍ର ସାମନ୍ତରାୟ, ମୁଖ୍ୟବକ୍ତା ଭାବେ ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଶୁଭ୍ରାଂଶୁ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ କବି ଗୋପୀନାଥ ସେଠୀ, ଅବସରପ୍ରାପ୍ତ ଶିକ୍ଷକ ଧନେଶ୍ୱର ମହାନ୍ତି ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଶିଶୁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ସାତକୋଶିଆ ବାଲୁକା ଟେଣ୍ଟ ଉଦ୍‌ଘାଟିତ

## ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ରଙ୍ଗିନ ଆଲୋକମାଳା



ଗଣିଆ, ୧୫।୧୧(ସମିସ): ସାତକୋଶିଆ ଗଣ୍ଡ ଅଭୟାରଣ୍ୟ ଅନ୍ତର୍ଗତ ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳ ବଡ଼ମୂଳରେ ରହିଛି ପରିବେଶ ପର୍ଯ୍ୟଟନ କେନ୍ଦ୍ର ମଙ୍ଗାନାସୀ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ। ବର୍ଷସାରା ଏଠାରେ ଶୀତତାପ ନିୟନ୍ତ୍ରିତ ୩ଟି କଟେଜ ଓ ୪ଟି ତମ୍ବୁ କଟେଜ ପର୍ଯ୍ୟଟକଙ୍କ ପାଇଁ ଖୋଲା ରହିଛି। ଚଳିତବର୍ଷ ମହାନଦୀର ବାଲୁକାଶଯ୍ୟା ଉପରେ ୧୬ଟି ଅଣଶୀତତାପ ନିୟନ୍ତ୍ରିତ ବାଲୁକା ଟେଣ୍ଟ ମଧ୍ୟ ଉଦ୍‌ଘାଟିତ ହୋଇଯାଇଛି। କାଠରେ ନିର୍ମିତ ଶଗଡ଼ଗାଡି, ଲାଇଟ ଗେଟ୍ ଓ ଆଇ ଲଭ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ପର୍ଯ୍ୟଟନ କେନ୍ଦ୍ରର ମୁଖ୍ୟ ଆକର୍ଷଣ ପାଲଟିଛି। ଚଳିତବର୍ଷ ନୂତନ ଢଙ୍ଗରେ ସ୍ୟାଣ୍ଡ ରିସୋର୍ଟକୁ ସାଜସଜ୍ଜା କରାଯାଇଛି। ଶୁକ୍ରବାର ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଫାଲଗୁନୀ ସାରଥୀ ମଲ୍ଲିକ ଓ ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଟେଣ୍ଟକୁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଏସିଏଫ୍ ସୁଦୀପ୍ତି ମହାପାତ୍ର ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀନାରାୟଣ ପଣ୍ଡା, ସ୍ୟାଣ୍ଡ ରିସୋର୍ଟ ମ୍ୟାନେଜର ହରିହର ପ୍ରଧାନ ଉପସ୍ଥିତ ଥିଲେ। ବହୁ ପର୍ଯ୍ୟଟକଙ୍କ ଚାହିଦାକୁ ଆଖି ଆଗରେ ରଖି ଚଳିତବର୍ଷ ଆଉ ୪ଟି ଅଧିକ ଶୀତତାପ ନିୟନ୍ତ୍ରିତ ଟେଣ୍ଟ ଖୋଲାଯିବା ପାଇଁ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ସକାଳୁ ଏହି ପର୍ଯ୍ୟଟନ କେନ୍ଦ୍ରକୁ ପରିଚାଳନା କରୁଥିବା ମା' ସାତଭଉଣୀ ପରିବେଶ ବିକାଶ ସମିତିର ସଭ୍ୟାସଭ୍ୟଙ୍କ ଦ୍ୱାରା ଝୋଟିଚିତା, ରଙ୍ଗବେରଙ୍ଗ ଫୁଲ ଓ ବେଲୁନରେ ଆକର୍ଷଣୀୟ ଭାବେ ସାଜସଜ୍ଜା କରାଯାଇଥିଲା। ପର୍ଯ୍ୟଟକଙ୍କ ପାଇଁ ଖାଦ୍ୟ, ଜଙ୍ଗଲ ଟ୍ରେକିଂ, ସାଇକେଲିଂ, କ୍ୟାନୋପି ୱାକ୍, ସ୍ଥାନୀୟ ଲୋକନୃତ୍ୟ, ଖେଳ ସୁବିଧା, ଶିଶୁ ଉଦ୍ୟାନ, ବାଲୁକା ଶଯ୍ୟା ଉପରେ ପର୍ଯ୍ୟଟକଙ୍କ ଆମୋଦ ପ୍ରମୋଦ ପାଇଁ ସିମେଣ୍ଟ ଚୌକି, ଛତା, ମହାନଦୀରେ ସୁରକ୍ଷିତ ସନ୍ତରଣ, ସାତକୋଶିଆ ଗଣ୍ଡରେ ବୋଟିଂ ସମୟରେ ବିଭିନ୍ନ ପକ୍ଷୀ ଓ କୁମ୍ଭୀର ଦେଖିବା ସହ ଜେଟିରେ ବସି ସେଲଫି ବ୍ୟବସ୍ଥା କରାଯାଇଛି।



# ଭାସିଲା ବୋଇତ; ଶୁଭିଲା ଗୀତ ଆ-କା-ମା-ବୈ...






**ଖୋର୍ଦ୍ଧା,୧୫।୧୧(ସମିସ)**

ଆ-କା-ମା-ବୈ....ଧ୍ୱନିରେ ଶୁକ୍ରବାର ଭୋର ପ୍ରାୟ ସାଢ଼େ ୩ଟାରୁ ପ୍ରକମ୍ପିତ ହୋଇଥିଲା ସହର ଏବଂ ସହର ଉପକଣ୍ଠରେ ଥିବା ପୋଖରୀ ତୁଠ। କାର୍ତ୍ତିକ ପୂର୍ଣ୍ଣମାରେ ଡଙ୍ଗା ଭସାଇବା ଲାଗି ପୋଖରୀ ତୁଠରେ ଶତାଧିକ ଲୋକଙ୍କ ସମାଗମ ହୋଇଥିଲା। କେତେକ ସୋଲ ପେଟି ଓ କାଗଜରେ ପ୍ରସ୍ତୁତ ଡଙ୍ଗା ତ ଅନ୍ୟ କିଛି ଲୋକ କଦଳୀ ଗଛର ପଟୁକାରେ ଡଙ୍ଗା କରି ଭସାଇଥିବା ଦେଖାଯାଇଥିଲା। ଡଙ୍ଗା ଭସାଇବାର ପରମ୍ପରା ଅନୁଯାଇ ଆ-କା-ମା-ବୈ....ଗୀତଗାଇ ଡଙ୍ଗାରେ ପାନ, ଗୁଆ, ଧାତୁ ମୁଦ୍ରା ଆଦି ଥୋଇ ଭସାଇଥିଲେ। ତେବେ ଆଷାଢ଼, କାର୍ତ୍ତିକ, ମାର୍ଗଶୀର ଓ ବୈଶାଖ ଆଦି ୪ ମାସକୁ ପୁଣ୍ୟ ମାସ ବୋଲି ଗଣାଯାଏ। କାର୍ତ୍ତିକ ପୂର୍ଣ୍ଣମାରେ ଡଙ୍ଗା ଭସାଣ ପୂର୍ବକ ମନ ମଧ୍ୟରେ ଥିବା ଅହଂଭାବକୁ ପାଣିରେ ଭସାଇ ଦିଆଯାଇଥାଏ ବୋଲି ସାଧୁସନ୍ଥମାନେ ମତ ଦେଇଛନ୍ତି।

ଅତୀତର ଉତ୍କଳର ନୌବାଣିଜ୍ୟ ପରମ୍ପରାର ସ୍ମୃତିଚାରଣ କରି ସ୍ଥାନୀୟ ଗୁରୁଜଙ୍ଗସ୍ଥିତ ଧବଳେଶ୍ୱର ପୋଖରୀ, ମୁକୁନ୍ଦପ୍ରସାଦସ୍ଥିତ ଅସୁରେଶ୍ୱର ଢିପ ପୋଖରୀ, ଉପରସାହିର ହରିଚନ୍ଦନ ପୋଖରୀ, ଗଡଖୋର୍ଦ୍ଧା ପୋଖରୀ, ପଲ୍ଲା ଲୋକେଶ୍ୱର ପୋଖରୀରେ ସହରବାସୀ ଡଙ୍ଗା ଭସାଇଛନ୍ତି। ସୋଲ, କାଗଜ ଓ କଦଳୀ ବାହୁଙ୍ଗାରେ ପ୍ରସ୍ତୁତ ବୋଇତକୁ ଜଳଧାରରେ ସମର୍ପିଦେବା ସହିତ ଦୀର୍ଘ ଏକ ମାସ ଧରି ପାଳନ କରିଆସୁଥିବା କାର୍ତ୍ତିକ ବ୍ରତକୁ ଉଦ୍‌ଯାପିତ କରିଛନ୍ତି। ଏଥପାଇଁ ପ୍ରତ୍ୟେକ ପୋଖରୀ ତୁଠ ଲୋକାରଣ୍ୟ ହୋଇଥିବାବେଳେ ଭୋରୁ ଭୋରୁ ସ୍ନାନ ପରେ ଦୀପ ଦାନକରି ଡଙ୍ଗା ଭସାଣ କରିଥିଲେ। ଏହାପରେ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁମାନେ ଭିଡ଼ ଲଗାଇଥିଲେ। ଏଥିସହିତ ଆଜି ପୁଣି ରାସପୂର୍ଣ୍ଣିମା ହେତୁ ସଂକୀର୍ତ୍ତନ ମଣ୍ଡଳୀମାନ ଏକଜୁଟ ହୋଇ ମନ୍ଦିର ପରିସରରେ ଭୋର ସାଢ଼େ ୫ଟା ମଧ୍ୟରେ



ସଂକୀର୍ତ୍ତନ ପରିବେଷଣ କରିଥିବା ଦେଖାଯାଇଛି। ଗୁରୁଜଙ୍ଗସ୍ଥିତ ଧବଳେଶ୍ୱରଙ୍କ ପୀଠରେ ଆଜି ପ୍ରବଳ ଗହଳି ହୋଇଥିବାବେଳେ ଲୋକେଶ୍ୱରଦେବ, ସ୍ୱପ୍ନେଶ୍ୱର, ବରାଡ ବାଲୁଙ୍କେଶ୍ୱର, ଗଡଖୋର୍ଦ୍ଧାର ସମସ୍ତ ମନ୍ଦିର, ମା' ବାଶେଳୀ, ରାଧାବଲ୍ଲଭ, ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରମୁଖ ସମେତ ଖୋର୍ଦ୍ଧା ଉପକଣ୍ଠ ବିଭିନ୍ନ ଶୈବମନ୍ଦିର ସହିତ ଅନ୍ୟ ଦେବାଦେବୀ ମନ୍ଦିରରେ ମଧ୍ୟ ଭୋରରୁ ଗହଳି ହୋଇଥିଲା। ସେହିପରି ବେଗୁନିଆ ବ୍ଲକ୍‌ର ବଡବେରଣାସ୍ଥିତ ବାବା ଜଳେଶ୍ୱର ଦେବ, ବାବା ହଟକଶ୍ୱେର, ଗୋଡା ଲୋକନାଥ, ଗଁପୁର ସୋମନାଥଦେବ ମନ୍ଦିରରେ ମଧ୍ୟ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ତେବେ ମନ୍ଦିର ପରିଚାଳନା କମିଟିଗୁଡିକ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ନିମନ୍ତେ ମନ୍ଦିରରେ ଧାଡି କରି ଦର୍ଶନ କରାଯାଇଥିବା ଦେଖାଯାଇଛି।

**ବେଗୁନିଆ:** ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋଠାରେ ତୈଳିକ ବୈଶ୍ୟ ସମାଜ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ, ସମାଜସେବୀ ବ୍ରଜବନ୍ଧୁ ସୁବୁଦ୍ଧି, ମାନସ ରଞ୍ଜନ ବେହେରା, ପ୍ରଶାନ୍ତ କୁମାର ସାହୁ, ଜସ୍ମିନ ସାହୁ, ମିନତୀ ସାହୁ, ସମ୍ପାଦକ ବିଚିତ୍ରା ନନ୍ଦ ସୁବୁଦ୍ଧି ଓ ଉପଦେଷ୍ଟା ତଥା ପୂର୍ବତନ ସରପଞ୍ଚ ସୁରେଶ କୁମାର ସାହୁ, ସରପଞ୍ଚ ପ୍ରମୋଦ କୁମାର ଦଳାଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆ ପୋଖରୀରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବରେ ଯୋଗ ଦେଇଥିଲେ।

**ଭୂଷଣ୍ଡପୁର:** ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ଉତ୍ସବ ଉପଲକ୍ଷେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ ୧୧ନଂ ଜିଲ୍ଲା ପରିଷଦ ଜୋନ୍ ଅନ୍ତର୍ଗତ ଉଭୟ ବାଲିପାଟପୁର, ସୁନ୍ଦରପୁର ଓ ଟାଙ୍ଗୀ ପଞ୍ଚାୟତରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଓ ବିଜେଡି ନେତା ମନ୍ମଥ ରାଉତରାୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଞ୍ଚଳବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଜଟଣୀ:** କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୋଇତ ବନ୍ଦାଣ ତଥା ଡଙ୍ଗା ଭସାଣ ଉତ୍ସବ ଆଜି ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଚଳଚଞ୍ଚଳ ହୋଇ ଉଠିଥିଲା ଜଟଣୀ ସହର। ଉତ୍କଳୀୟ ପରମ୍ପରା ତଥା ଐତିହାସିକ ବୋଇତ ବନ୍ଦାଣ ପ୍ରଥାର ଉଦ୍ଦେଶ୍ୟରେ ସହରର ହାଟ ବଜାର ପୁଷ୍କରିଣୀ, କୁଦିଆରିସ୍ଥିତ ରାଣୀ ମାଜଣା ପୋଖରୀ, ବୁଢ଼ାପଡା ସୋମନାଥ ଦେବଙ୍କ ପୁଷ୍କରିଣୀ, ବାଛରା ଏବଂ ମିଲ୍ ପୋଖରୀ ଆଦି ପୁଷ୍କରିଣୀରେ ଭୋର୍ ସମୟରୁ ଶ୍ରଦ୍ଧାଳୁମାନଙ୍କ ପକ୍ଷରୁ ଡଙ୍ଗା ଭସାଣ ପରମ୍ପରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବକୁ ଲୋକାଭିମୁଖୀ କରିବା ପାଇଁ ପୁଷ୍କରିଣୀ ନିକଟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।



## ମନ୍ଦାକିନୀ ବୋଇତ ବନ୍ଦାଣ ଉତ୍ସବ

**ନିରାକାରପୁର,୧୫।୧୧(ସମିସ):** ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ଛକସ୍ଥିତ ମନ୍ଦାକିନୀ ନଦୀରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ଦିଲ୍ଲୀପ କୁମାର ଶ୍ରୀଚନ୍ଦନଙ୍କ ପୌରୋହିତ୍ୟରେ ଏହି ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ



ହୋଇଛି। ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଓଡ଼ିଶାର ପରମ୍ପରାକୁ ମନେପକାଇ ସାଧବ ବୋହୂମାନେ ରୀତିନୀତି ଅନୁଯାୟୀ ବନ୍ଦାପନା କରିଥିଲେ। ପରେ ସାଧବ ସାତପୁଅ ବୋଇତ ନେଇ ନୌବାଣିଜ୍ୟ କରିବାକୁ ମନ୍ଦାକିନୀ ନଦୀରେ ବୋଇତରେ ଯାତ୍ରା କରିଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ନା ମାନନ୍ଧାତା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ କୁମାର ସାମନ୍ତରାୟ, ସମାଜସେବୀ ସଞ୍ଜୟ କୁମାର ପଟ୍ଟନାୟକ, ଓଡ଼ିଶା ପାଇକ ଆଖଡ଼ା ସଭାପତି ପ୍ରକାଶ ଶ୍ରୀଚନ୍ଦନ, ଜିଲ୍ଲା ବିଜୁ ଜନତା ଦଳ ଉପସଭାପତି ବିପିନ କୁମାର ଜୟସିଂହ, ଯୁବ ନେତା ରଞ୍ଜିତ ଜଗଦ୍ଦେବ, ସମିତି ସଭ୍ୟ ରମେଶ ଚନ୍ଦ୍ର ବିଶ୍ୱାଳ, ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ମୁଖ୍ୟ ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ, ବିଜୟ କୁମାର ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ସହିତ ରାମେଶ୍ୱର ମନ୍ଦାକିନୀଠାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର କୋଣ ଅନୁକୋଣରୁ ବିଶିଷ୍ଟ ସିନେ କଳାକାର ଓ ଶ୍ରୀସାଇ ଡ୍ୟାନ୍ସ ଗ୍ରୁପର କଳାକାରମାନେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଶ୍ୱଭୂଷଣ ଛୋଟରାୟ, ରମାକାନ୍ତ ମହାପାତ୍ର, ସୁନିଲ ନରେନ୍ଦ୍ର, ରଣଜିତ୍ ଜଗଦ୍ଦେବ, ବିଜୟ କୁମାର ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

## ଗ୍ୟାସ୍ ସିଲିଣ୍ଡର୍ ଚୋର ଗିରଫ

**ଜଟଣୀ,୧୫।୧୧(ସମିସ):** ଜଟଣୀ ଥାନା ଅନ୍ତର୍ଗତ ବାଲିଛକ ସାହିରେ ଜଣେ ବ୍ୟକ୍ତିଙ୍କ ଘରେ ପସି ଗ୍ୟାସ୍ ସିଲିଣ୍ଡର୍ ଚୋରି ଅଭିଯୋଗରେ ଜଣେ ଯୁବକକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲା, ଗୋପବନ୍ଧୁ ନଗରର ତ୍ରିଲୋକ୍ୟ ହଡ଼ା (୨୭)। ତା' ନିକଟରୁ ଦୁଇଟି ଗ୍ୟାସ୍ ସିଲିଣ୍ଡର୍ ଜବତ କରିଛି ପୁଲିସ। ସୂଚନାଯୋଗ୍ୟ ଯେ, ଗତକାଲି ଅଭିଯୋଗକାରିଣୀ ନିଜ ଘର ତାଲା ପକାଇ ମାର୍କେଟକୁ ଯାଇଥିଲେ। ଅଭିଯୁକ୍ତ ହଡ଼ା ଏହାର ସୁଯୋଗ ନେଇ ତାଲା ଭାଙ୍ଗି ଘରେ ପଶିଥିଲା ଓ ଦୁଇଟି ଗ୍ୟାସ୍ ସିଲିଣ୍ଡର୍ ଚୋରି କରି ନେଇଥିଲା। ପରେ ଅଭିଯୋଗକାରିଣୀ ଘର ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଏ ନେଇ ପରେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଆଜି ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ଶ୍ରୀରଙ୍ଗନାଥ ଦେବଙ୍କ ରାଜରାଜେଶ୍ୱର ବେଶ

**ବାଣପୁର,୧୫।୧୧(ସମିସ):** ଭଗବତୀ କ୍ଷେତ୍ର ବାଣପୁରର ଇଷ୍ଟଦେବ ଶ୍ରୀରଙ୍ଗନାଥ ଦେବଙ୍କ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମହାପ୍ରଭୁ ରାଜରାଜେଶ୍ୱର ବେଶରେ ଦର୍ଶନ ଦେଇଛନ୍ତି। ଶ୍ରୀଜିଉ ଶ୍ରୀମସ୍ତକରେ ସ୍ୱର୍ଣ୍ଣ କିରୀଟ, କୁଣ୍ଡଳ, ଶ୍ରୀଭୁଜ ଶ୍ରୀପୟର ଆଡ଼କାନି, ଓଡ଼ିଆଣି, ହରଡ଼ ମାଳି, କଦମ୍ବ ମାଳି, ଶଙ୍ଖ, ଚକ୍ର ଓ ଶ୍ରୀବଳଭଦ୍ର ଦେବ ହଳ, ମୁଷଳ ଧାରଣ କରି ବିଭିନ୍ନ ପୁଷ୍ପରେ ସୁସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଭୋରୁ ମହାପ୍ରଭୁଙ୍କ ଦ୍ୱାରଫିଟା, ମଙ୍ଗଳାର୍ପଣ ପରେ ଅବକାଶ ନୀତି, ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା ପରେ ଠାକୁର ଅଳଙ୍କାର, ପାଟବସ୍ତ୍ର ଓ ପୁଷ୍ପମାଲ୍ୟ



ପରିଧାନ କରି ଗୋପାଳ ବଲ୍ଲଭ ଓ ଆଳତି ସାରି ଶ୍ରୀରଙ୍ଗନାଥ ଦେବ ରତ୍ନସିଂହାସନରେ ରାଜରାଜେଶ୍ୱର ବେଶରେ ଦର୍ଶନ ଦେଇଥିଲେ। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଭୋରୁ ଜଳାଶୟରେ କାଗଜ ଡଙ୍ଗା ଭସାଇ ଏହି ମନଲୋଭା ଅପୂର୍ବ ବେଶ ଦର୍ଶନ କରି ପ୍ରଭୁ କୃପା ଲାଭ କରିଛନ୍ତି। ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ସୋମନାଥ ହୋତା, ଦେବଦତ୍ତ ପାଣି, ଦାସରଥୀ ସାହୁ, ବାଳମୁକୁନ୍ଦ ଦାସ, ପଦ୍ମଚରଣ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିପର୍ଯ୍ୟୟ ପରିଚାଳନା ଶିବିର

**ବେଗୁନିଆ,୧୫।୧୧(ସମିସ):** ବେଗୁନିଆ ବ୍ଲକ କାର୍ଯ୍ୟାଳୟ ସଭା ଗୃହ ପରିସରରେ ବିଡ଼ିଓ ଲକ୍ଷ୍ମୀଧର ସାହୁଙ୍କ ଅଧ୍ୟକ୍ଷତାରେ ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଶିବିର ପ୍ରଚଣ୍ଡେଶ୍ୱର ସେବା ସଂସ୍ଥାନର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଛି। ଏଥିରେ ଆପଦକାଳୀନ ଜିଲ୍ଲା ପ୍ରୋଜେକ୍ଟ ମ୍ୟାନେଜର ରାକେଶ କୁମାର ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଏବିଡିଓ ସୁମିତ୍ରା ଜେନା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିନୋଦିନୀ ପଣ୍ଡା, ଉପାଧ୍ୟକ୍ଷ ସାବିତ୍ରୀ ମହାପାତ୍ର, ପଞ୍ଚାୟତ ଉନ୍ନୟନ ଅଧିକାରୀ ଈତିଶ୍ରୀ ବେହେରା ଓ ସାମାଜିକ ସୁରକ୍ଷା ଅଧିକାରୀ ପୂଜା ପୁଷ୍ପାଞ୍ଜଳି ଖଟେଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ସୁରକ୍ଷା ଦେବା ଉତ୍ତମ ନାଗରିକର କର୍ତ୍ତବ୍ୟ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସେବା ସଂସ୍ଥାନ ସମ୍ପାଦକ ଅଶୋକ କୁମାର ପେଣ୍ଡୋଇ କାର୍ଯ୍ୟକ୍ରମ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିବା ବେଳେ ପ୍ରୋଜେକ୍ଟ ସଂଯୋଜକ ଦାଶରଥି ଶ୍ରୀ ଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ।

**● ପ୍ଲାଣ୍ଟରେ ପଶି ମାରଣାସ୍ତ୍ରରେ ଆକ୍ରମଣ**

## ଜଣେ ଗୁରୁତର; ଯୁବକ ଅଟକ

**କାଳୁପଡ଼ାଘାଟ,୧୫।୧୧(ସମିସ):** ଚଣ୍ଡେଶ୍ୱର ଓମଫେଡ୍ ପ୍ଲାଣ୍ଟ ଭିତରେ ପଶି କୁକୁର ନେବାକୁ କେନ୍ଦ୍ର କରି ମାରଣାସ୍ତ୍ରରେ ଶ୍ୱେତ ବେହେରା ନାମକ ଜଣେ ଯୁବକ ପାରିଓରଡ ଗ୍ରାମର ଭୀମସେନ ପ୍ରଧାନ(୪୩)ଙ୍କ ଉପରେ ଆକ୍ରମଣ କରିଥିଲା। ଭୀମସେନ ଗୁରୁତର ଅବସ୍ଥାରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଟାଙ୍ଗୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁସାରେ, ମଧ୍ୟାହ୍ନରେ ଟାଙ୍ଗୀ ଥାନା ଦୀକ୍ଷିତପଡା ଗ୍ରାମର ଶ୍ୱେତ ବେହେରା (୨୪) ଓମଫେଡ ପ୍ଲାଣ୍ଟ ଭିତରେ ପଶି ଗୋଟିଏ ପୋଷା କୁକୁରକୁ ନେଇ ପଳାଇ ଯାଉଥିଲା। କୁକୁରକୁ ନେଇ ଯାଉଥିବା ବେଳେ ପ୍ଲାଣ୍ଟର ଜଣେ ମହିଳା କର୍ମଚାରୀ ବିରୋଧ କରିବାରୁ ଶ୍ୱେତ ମହିଳା କର୍ମଚାରୀଙ୍କୁ ଗାଳି ଗୁଲଜ କରିଥିଲେ। ଏହା ଦେଖି ପ୍ଲାଣ୍ଟ ନିକଟରେ ଥିବା ଲୋକେ ବିରୋଧ କରିଥିଲେ। ଶ୍ୱେତକୁ ଲୋକେ କାବୁ କରିବାକୁ ଚେଷ୍ଟା କରିବା ବେଳେ ସେ ଦୌଡ଼ି ଯାଇ ନିକଟସ୍ଥ କମାରଶାଳରୁ ଏକ ଦାଆ ଆଣି ସେଠାରେ ଉପସ୍ଥିତ ଲୋକଙ୍କୁ ଆକ୍ରମଣ କରିଥିଲା। ଏମିତିକି ଭୀମସେନଙ୍କୁ ଗୋଡ଼ାଇ ଗୋଡ଼ାଇ ସେ ଆକ୍ରମଣ କରିଥିଲା। ଦାଆ ଭୁସି ଦେବାରୁ ଭୀମସେନଙ୍କର ଛାତି ଭିତରେ ଦାଆ ପଶି ଯାଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଭୀମସେନଙ୍କୁ ଗୁରୁତର ଅବସ୍ଥାରେ ଉପସ୍ଥିତ ଲୋକେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି।

## ଖୋର୍ଦ୍ଧା ଜିଲ୍ଲା ଇନ୍‌ଟ୍ରା କ୍ଲବ୍ କ୍ରିକେଟ୍ — ଇଗଲ୍ କ୍ଲବ୍ ଚାମ୍ପିଅନ



**ଖୋର୍ଦ୍ଧା,୧୫।୧୧(ସମିସ)**

ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ନିର୍ଦ୍ଦେଶ ଅନୁସାରେ କ୍ରିକେଟ୍ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା ଜିଲ୍ଲା ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ମିନି ଷ୍ଟାଡିୟମରେ ଚାଲିଥିବା ସିନିୟର୍ ଇନ୍‌ଟ୍ରା କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଇଗଲ କ୍ରିକେଟ୍ କ୍ଲବ୍ ରାଇଜିଂଷ୍ଟାର କ୍ରିକେଟ କ୍ଲବକୁ ୫ ୱିକେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଟସ୍ ଜିତି ରାଇଜିଂଷ୍ଟାର ପ୍ରଥମେ ବ୍ୟାଟିଂ କରି ୪୦ ଓଭରରେ ୫ଟି ୱିକେଟ ହରାଇ ୨୩୮ ରନ୍ କରିଥିଲା। ଦଳ ପକ୍ଷରୁ ରଶ୍ମିକାନ୍ତ ଦାସ ୬୪ ରନ୍, ରଞ୍ଜିତ କୁମାର ପାଇକରାୟ ୬୪ ରନ୍, ସରୋଜ ପାତ୍ର ୪୫ ରନ୍ କରିଥିଲେ। ଇଗଲ କ୍ଲବ ତରଫରୁ ଶୁଭମ ନାୟକ ୨ଟି ଏବଂ ଆଦିତ୍ୟ ରାୟ ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଇଗଲ କ୍ରିକେଟ୍ କ୍ଲବ ୩୯.୩ ଓଭରରେ ୫ଟି ୱିକେଟ ହରାଇ ଆବଶ୍ୟକ ୨୩୯ ରନ୍ ସଂଗ୍ରହ କରି ନେଇଥିଲେ। ଦଳ ପକ୍ଷରୁ ଜ୍ୟୋତିରଞ୍ଜନ ବେହେରା ୮୮ ରନ୍ ଓ ଏସ୍ ଦାସ ୫୯ ରନ୍, ଧରଣୀଧର ସ୍ୱାଇଁ ୨୮ ରନ୍ ଓ ସନ୍ଦୀପ ଚୌହାନ ୨୫ ରନ୍ କରି ଦଳକୁ ବିଜୟୀ କରାଇଥିଲେ। ରାଇଜିଂ ଷ୍ଟାର ତରଫରୁ ସରୋଜ୍ ପାତ୍ର ଓ ଆର୍ଯ୍ୟାନ୍ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ମ୍ୟାଚ୍‌କୁ ଚନ୍ଦ୍ର ପ୍ରକାଶ ବରାଳ ଓ ରହିମ ଖାନ ପରିଚାଳନା କରିଥିବାବେଳେ ସୁଶିଳ ସୁନ୍ଦରାୟ ସ୍କୋରର ଭୂମିକା ଗ୍ରହଣ କରିଥିଲେ। ମ୍ୟାଚ୍ ରେଫରି ଭାବେ ବ୍ରିଜେଶ ପ୍ରଧାନ ଓ ସଂଯୋଜକ ଭାବେ ଚଣ୍ଡୀ ପ୍ରାସାଦ ଆଚାର୍ଯ୍ୟ ଦାୟିତ୍ୱରେ ଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ରିକେଟ୍ ସଂଘ, ଖୋର୍ଦ୍ଧା ଜିଲ୍ଲାର ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଅଧିବକ୍ତା ଅବ୍ୟକ୍ତ ହରିହର ଖାଡଙ୍ଗା, ରୋହିତ ରାୟ, ପ୍ରଭାତ ପ୍ରହରାଜ, କୋଚ୍ ସୌମେନ୍ଦ୍ର ମହାନ୍ତି, କାର୍ତ୍ତିକ ପ୍ରଧାନ, ସୁକାନ୍ତ ଦାସ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଫାଇନାଲର ଶ୍ରେଷ୍ଠ ଖେଳାଳି ଓ ବ୍ୟାଟ୍ସମ୍ୟାନ୍ ରୂପେ ଜ୍ୟୋତିରଞ୍ଜନ ବେହେରା, ଶ୍ରେଷ୍ଠ ବୋଲର ଭାବେ ତୀର୍ଥଙ୍କର ସାହୁ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବରେ ସରୋଜ ପାତ୍ରଙ୍କୁ ପୁରସ୍କୃତ କରିବା ସହ ଦୁଇ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଆଗାମୀ ଦିନରେ ଏହି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳିଙ୍କୁ ନେଇ କଳାହାଣ୍ଡି କପ୍ ପାଇଁ ୨୫ ଜଣିଆ ଟିମ୍‌ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ ବୋଲି ଓସିଏ କୋଷାଧ୍ୟକ୍ଷ ଶ୍ରୀ ପ୍ରଧାନ ଜଣାଇଛନ୍ତି।

## ଜ୍ଞାନ ସରୋବର ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ



**ଖୋର୍ଦ୍ଧା,୧୫।୧୧(ସମିସ):** ଖୋର୍ଦ୍ଧା ଶିକ୍ଷା ବ୍ଲକ୍ ବରସାହି ପଞ୍ଚାୟତ ଅନ୍ତର୍ଗତ କୁମ୍ଭୀଲୋ ଜ୍ଞାନସାଗର ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ଖୋର୍ଦ୍ଧାର ପ୍ରାକ୍ତନ ଜିଲ୍ଲାପାଳ ତଥା ଅବସରପ୍ରାପ୍ତ ରାଜସ୍ୱ କମିଶନର ଡ.ନିରଞ୍ଜନ ସାହୁ, ମୁଖ୍ୟ ବକ୍ତା ଡ. ଗୋ÷ରହରି ମିଶ୍ର ଏବଂ ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ କପିଳ ସାହୁ, କୃଷ୍ଣଚନ୍ଦ୍ର ସେଠୀ, ଜମ୍ବେଶ୍ୱର ବଡ଼ଜେନା, ନବକିଶୋର ବଡ଼ଜେନା, ବସନ୍ତ କୁମାର ସୁବୁଦ୍ଧି, ଭାସ୍କର ଚନ୍ଦ୍ର ମିଶ୍ର, ମଧୁସୂଦନ ବେହେରା, ଗଣେଶ ଚନ୍ଦ୍ର ସାହୁ, ମାନସ ରଞ୍ଜନ ଶତପଥୀ, ହରିଶଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନେ ଭଲ ପାଠ ପଢିବା ସହିତ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ।

ଛାତ୍ରଛାତ୍ରୀମାନେ ସେମାନଙ୍କ ଗୁରୁଜନମାନଙ୍କୁ ସମ୍ମାନ ଦେବା ସହିତ ସମାଜର ଉନ୍ନତିମୂଳକ କାର୍ଯ୍ୟରେ ସମ୍ପୃକ୍ତ ରହିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବର୍ତ୍ତମାନର ତଥା ପୁରାତନ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ନୃତ୍ୟାଭିନୟ ଦ୍ୱାରା ଅତିଥିମାନଙ୍କୁ ସ୍ୱାଗତ ଓ ସଭା ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସୂର୍ଯ୍ୟକାନ୍ତ ଦାସ ସ୍ୱାଗତ ଭାଷଣ, ଦାଶରଥୀ ସୁବୁଦ୍ଧି ଅତିଥି ପରିଚୟ ପ୍ରଦାନ ଓ ନିଗମାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**
ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୪.୭୫ ● ପାଉଣ୍ଡ ୧୦୭.୯୨
- ୟୁରୋ ୮୯.୧୯ ● ୟେନ୍ ୦.୫୪

**ସୁନା, ରୁପା ଦର**
୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା: ୬୯,୫୧୦ (ନୂଆଦିଲ୍ଲୀ)
- ରୁପା : ୯୨,୫୦୦ (କେଜି)

**ଷ୍ଟକ୍ ମାର୍କେଟ୍**
ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୫୮୦.୦୦
- ନିଫ୍ଟି ୨୩,୫୩୨.୦୦

**ପେଟ୍ରୋଲ-ଡିଜେଲ୍**
ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

● ସାଟେଲାଇଟ୍-ଟୁ ଡିଭାଇସ୍

# ବିନା ସିମ୍‌ରେ କଲ୍ ଆଉ ମେସେଜ୍

**ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି):** ଅଗାମୀ ଦିନରେ ବିନା ସିମ୍‌ରେ ଫୋନରେ କଥା ହେବା ସହ ଏସଏମଏସ୍ କରିବା ସମ୍ଭବପର ହେବ। ଏମିତି ଏକ ନୂଆ ସେବା ଦେଶରେ ଆରମ୍ଭ କରିବାକୁ ଯାଉଛି ରାଷ୍ଟ୍ରାୟତ୍ତ ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍ଏନ୍ଏଲ୍)। କମ୍ପାନୀ ତାହାର ଡାଇରେକ୍ଟ ସାଟେଲାଇଟ-ଟୁ-ଡିଭାଇସ୍ ସେବା ଆରମ୍ଭ କରିଛି। ବ୍ୟବହାରକାରୀଙ୍କ ପାଇଁ ଏହାକୁ ଶୁଭାରମ୍ଭ କରାଇବା ବିଏସ୍ଏନ୍ଏଲ୍ ଡାଇରେକ୍ଟ-ଟୁ-ଡିଭାଇସ୍, କାଲିଫର୍ଣ୍ଣିଆ କମ୍ପାନୀ ଭିଆସାଟ୍ ସହିତ ପାର୍ଟନରସିପ୍ କରି ଏପରି କିଛି ଅତ୍ୟାଧୁନିକ ସେବା




ବ୍ୟବହାରକାରିଙ୍କୁ ଭେଟି ଦେଇଛି। ତେବେ ସାଟେଲାଇଟ୍ ସଂଯୋଗ ନୂଆ ଟେକ୍ନୋଲୋଜି ହୋଇ ନ ଥିଲେ ମଧ ମୋବାଇଲରେ ଏପରି ସେବା ଉପଲବ୍ଧ କରାଇବାରେ ଦେଶରେ ପ୍ରଥମ ଟେଲିକମ୍ ପାଲଟିଛି ବିଏସଏନଏଲ। ବିଏସଏନଏଲର ଏହି ସେବା ଦୁର୍ଗମ ଅଞ୍ଚଳରେ ଏବଂ ନେଟଓ୍ୱାର୍କ ନ ଥିବା ସ୍ଥାନରେ ନେଟଓ୍ୱାର୍କ ଯୋଗାଇଦେବା କ୍ଷେତ୍ରରେ କାର୍ଯ୍ୟ କରିବ, ଯାହାକି ବିଶେଷ ଭାବରେ ପାହାଡିଆ ଏବଂ ଜଙ୍ଗଲିଆ ଅଞ୍ଚଳର ଲୋକଙ୍କ ପାଇଁ ବେଶ୍ ଉପଯୋଗୀ ହେବ। ଯେଉଁଠାରେ ସେଲ୍ୟୁଲାର୍ ନେଟୱାର୍କ କିମ୍ବା ୱାଇ-ଫାଇ ସଂଯୋଗ ଉପଲବ୍ଧ ହେବ ନାହିଁ ସେଠାରେ ଏହି ସେବା ବେଶ୍ ଉପଯୋଗୀ ହେବ। ତେବେ କଲିଂ ସହିତ, ଉପଭୋକ୍ତାମାନେ ମଧ ଏସଓଏସ ଯଥା ଜରୁରୀକାଳୀନ ବାର୍ତ୍ତା ପଠାଇପାରିବେ ଏବଂ ଏହି ସେବା ମାଧ୍ୟମରେ ୟୁପିଆଇ ଲେଣଦେଣ ମଧ କରିପାରିବେ। ତେବେ ଏହି ଫିଚର ଦ୍ୱାରା ସାଧାରଣ କଲ୍ ଏବଂ ଏସଏମଏସ ଉପଲବ୍ଧ ହେବ କି ନାହିଁ ତାହା ସ୍ପଷ୍ଟ କରିନାହିଁ କମ୍ପାନୀ।

ବିଭ୍ରାନ୍ତ କରୁଛି କେନ୍ଦ୍ରର ତଥ୍ୟ

# ସଙ୍କଟରେ ମଧ୍ୟବିତ୍ତ ପରିବାର

**ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି)**

- ଆୟ କମୁଛି, ଖର୍ଚ୍ଚ ବଢୁଛି
- ଉଚ୍ଚ ଟିକସ ହାର ଜୀବନଶୈଳୀକୁ ଖରାପ କରୁଛି
- ଖର୍ଚ୍ଚ କାଟ୍ କରୁଛନ୍ତି ଗରିବ ଓ ମଧ୍ୟବିତ୍ତ ପରିବାର
- ଖାଦ୍ୟ ପେୟ ଖର୍ଚ୍ଚ କମାଉଛନ୍ତି
- ଧିମା ପଡିବ ବଜାର ଗତି
- ପଲିସି ସର୍କଲ୍ ରିପୋର୍ଟ

ଧିମା ପଡିଲାଣି ଅର୍ଥନୀତି। ବଜାରର ଆଉ ସେ ପୁରୁଣା ଦମ୍ ନାହିଁ। ଫେଷ୍ଟିଭ୍ ବା ଉତ୍ସବ ଋତୁରେ ଫିକା ପଡିଲା ବିକ୍ରି ବଟା। ଉଚ୍ଚ ମୁଦ୍ରାସ୍ଫୀତିରେ ଖାଉଟିଙ୍କ ଅବସ୍ଥା ବେହାଲ। ଏଥିରେ ସବୁଠାରୁ ଅଧିକ ପ୍ରଭାବିତ ଗରିବ ଆଉ ମଧ୍ୟବିତ୍ତ ପରିବାର। ଅତ୍ୟାବଶ୍ୟକ ସାମଗ୍ରୀର ବଜାର ଦର ବଢୁଥିବାବେଳେ ଆୟ କମି କମି ଯାଉଛି। ଏଥିରେ ବିଶେଷ କରି ମଧ୍ୟବିତ୍ତ ଶ୍ରେଣୀର ପରିବାର ନିଜକୁ ଆଡଜଷ୍ଟ କରିବା ବେଶୀ କଷ୍ଟକର ହୋଇପଡିଛି। ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ଉଚ୍ଚ ଟିକସ ହାର ମଧ୍ୟବିତ୍ତଙ୍କ ଜୀବନଶୈଳୀକୁ ଅଧିକ ଖରାପ କରିଦେଇଛି। ଆୟ କମୁଥିବାରୁ ସେମାନେ ଏବେ ଖର୍ଚ୍ଚ କାଟ୍ କରିବାକୁ ବାଧ ହେଉଛନ୍ତି। ଏମିତିକି ଗରିବ ଓ ମଧ୍ୟବିତ୍ତ ପରିବାର ବର୍ତ୍ତମାନ ପରିସ୍ଥିତିରେ ଖାଦ୍ୟ ପେୟ ଖର୍ଚ୍ଚକୁ କମ୍ କରିବାକୁ ବାଧ ହୋଇଛି। ଯାହାକି ଦେଶରେ ମଧ୍ୟବିତ୍ତ ପରିବାର କିଭଳି ସଙ୍କଟରେ ରହିଛନ୍ତି ତାହା ପ୍ରମାଣିତ କରୁଛି। ଅପରପକ୍ଷେ କେନ୍ଦ୍ର ସରକାର କହିଛନ୍ତି ଯେ, ବିଗତ ୧୦ ବର୍ଷରେ ମଧ୍ୟବିତ୍ତଙ୍କ ଉପରୁ ଟିକସ ବୋଝ କମିଛି। କେନ୍ଦ୍ରର ଏଭଳି ବିଭ୍ରାନ୍ତିକର ତଥ୍ୟଠାରୁ ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ।

ଆୟକର ଭାଷାରେ ବାର୍ଷିକ ୨୦ ଲକ୍ଷ ଟଙ୍କାରୁ କମ୍ ଆୟକାରୀଙ୍କୁ ମଧ୍ୟବିତ୍ତ ବର୍ଗ ଧରାଯାଉଛି। ମୋଟ ସଂଗୃହୀତ ଆୟକରର




୭୬ ପ୍ରତିଶତ ଏହି ବର୍ଗର କରଦାତାଙ୍କଠାରୁ ଆଦାୟ ହେଉଛି। ଅପରପକ୍ଷେ ୨୦୨୪-୨୫ ଆର୍ଥିକବର୍ଷ ପାଇଁ କେନ୍ଦ୍ର ସରକାର ଅଧିକ ଟିକସ ରାଜସ୍ୱ ଆଶା ରଖିଛନ୍ତି। ସରକାର ୨୨ ଟ୍ରିଲିୟନ୍ ପ୍ରତ୍ୟେକ୍ଷ ଟିକସ ସଂଗ୍ରହ ଧାର୍ଯ୍ୟ କରିଛନ୍ତି। ଏହା ଏକ ବଡ଼ ପ୍ରଶ୍ନ ଉଠାଉଛି। କାଣୁ କେନ୍ଦ୍ର ସରକାର ଯେତେବେଳେ ଅଧିକ ଟିକସ ସଂଗ୍ରହ ଲକ୍ଷ୍ୟ ରଖିଛନ୍ତି ସେତେବେଳେ ମଧ୍ୟବିତ୍ତ ଶ୍ରେଣୀ ଆର୍ଥିକ ଚାପ ମଧ୍ୟରେ ରହିଥିବା ପଲିସି ସର୍କଲ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ଚଳିତ ସପ୍ତାହ ପ୍ରାରମ୍ଭରେ ପ୍ରକାଶିତ ଏହି ରିପୋର୍ଟରେ କୁହାଯାଇଛି ଯେ, ସମ୍ପ୍ରତି ଅନେକ ମାନଦଣ୍ଡ ଏହା ଦର୍ଶାଉଛି ଯେ, ଭାରତୀୟ ଅର୍ଥନୀତି ମନ୍ଥର ହେବା ସହ ଏଫ୍ଏମ୍ସିଜି, ଅଟୋମୋବାଇଲ ଏବଂ ଉପଭୋକ୍ତା ସାମଗ୍ରୀର ଚାହିଦାରେ ହ୍ରାସ ଜାରି ରହିଛି। ଏଭଳି ସ୍ଥଳେ ସରକାର ରାଜସ୍ୱ ରେ ବୃଦ୍ଧି ନିଜକୁ ନିଜେ ଧୋକା ଦେବା ଭଳି ହୋଇଛି। ଇତି ମଧ୍ୟରେ ମଧ୍ୟବିତ୍ତ ପରିବାର ଆର୍ଥିକ ଦିଗରେ ବିଭିନ୍ନ ସମସ୍ୟା ସହ ସଂଘର୍ଷରତ। ସେଥିପାଇଁ ଫେଷ୍ଟିଭ୍‌ରେ ଏହି ବର୍ଗରେ ବ୍ୟୟ କମିଛି। ଆହୁରିମଧ ଦେଶରେ କୁଚୁରା ମୁଦ୍ରାସ୍ଫୀତି ଭାରତୀୟ ରିଜର୍ଭବ ବ୍ୟାଙ୍କ (ଆର୍‌ବିଆଇ)ର ଧାର୍ଯ୍ୟ ସୀମା ଉପରେ ପହଞ୍ଚିଲାଣି। ବିଶେଷକରି ଖାଇବା ତେଲ ଏବଂ ପନିପରିବା ଦର ପରିବାଗୁଡିକର ରୋଷଷଇ ଘର ବଜେଟ ବଢ଼ାଇଦେଇଛି। ତେଣୁ ବର୍ଦ୍ଧିତ ଟିକସ ବୋଝ ଆଗକୁ ଲୋକଙ୍କ କ୍ରୟ କ୍ଷମତାରେ ଆହୁରି ହ୍ରାସ ଘଟାଇବ।

ଚଳିତବର୍ଷ ପ୍ରତ୍ୟୋକ୍ଷ ଟିକସର କେନ୍ଦ୍ର ସରକାରଙ୍କ ରାଜସ୍ୱ ସଂଗ୍ରହ ବିଗତ ୨୪ ବର୍ଷର ରେକର୍ଡ ଭାଙ୍ଗିଛି। ବ୍ୟକ୍ତିଗତ ଆୟକର ସଂଗ୍ରହ ୨୦୧୪-୧୫ରେ ୨.୬୬ ଲକ୍ଷ କୋଟି ଟଙ୍କା ରହିଥିବାବେଳେ ୨୦୨୩-୨୪ରେ ଏହା ୧୦.୪୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଦେଶର ମୋଟ ଜନସଂଖ୍ୟାର ୨ ପ୍ରତିଶତ ରହିଥିବା ମଧ୍ୟବିତ୍ତ ବର୍ଗଙ୍କର ଟିକସ ଅଂଶରେ ଏକ ବଡ଼ ଅସଙ୍ଗତି ସ୍ଥିତିରେ ଅଛନ୍ତି।

# ବାଲିଯାତ୍ରାରେ ରୁଚି ମଣ୍ଡପ ଉଦ୍‌ଘାଟିତ

**କଟକ,୧୫।୧୧(ସମିସ):** ଐତିହାସିକ କଟକ ବାଲିଯାତ୍ରାରେ ରୁଚି ଉଦ୍ୟୋଗ ଅନ୍ୟତମ ମୁଖ୍ୟ ପ୍ରାୟୋଜକ ରହିଛି। ମେଳାର ପ୍ରମୁଖ ସ୍ଥାନରେ ପ୍ରଦର୍ଶିତ ରୁଚି ମସଲା ମଣ୍ଡପକୁ କଟକ-ବାରବାଟୀ ବିଧାୟିକା ସୋଫିଆ ଫିରଦୋଶ୍ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ସେହିଭଳି ବାଲିଯାତ୍ରାର ଅନ୍ୟତମ ଆକର୍ଷଣ ରୁଚି ଖାଦ୍ୟମେଳା ମଣ୍ଡପକୁ ରୁଚି ନିର୍ଦ୍ଦେଶିକା ସଙ୍ଗୀତା ସାହୁ ଉଦ୍‌ଘାଟନ କରିଥିଲେ। ମସଲା ମଣ୍ଡପରେ ଗୋଟିଏ ମସଲା ସହିତ ଆଉ ଗୋଟିଏ ମସଲା ଫ୍ରି ରହିଛି ଏବଂ ବମ୍ପର ପୁରସ୍କାର ଭାବେ ବୁଲେଟ ମୋଟର ସାଇକଲ ଏବଂ ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର ସବୁ ରହିଛି। ଖାଦ୍ୟ ମଣ୍ଡପରେ ବିଭିନ୍ନ ସୁସ୍ୱାଦୁ ଓ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ସାମଗ୍ରୀ ସ୍ଥାନ ପାଇଛି। ଉତ୍ସବରେ ରୁଚିର ନିର୍ଦ୍ଦେଶିକା ରଶ୍ମି ସାହୁ, ସଲିନା ସାହୁ ଓ ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମାନବ ସମ୍ବଳ



ବିଭାଗର ଉପମହାପ୍ରବନ୍ଧକ ଅମ୍ବରୀଶ ପଟ୍ଟନାୟକ, ମାର୍କେଟିଂ ମୁଖ୍ୟ ଦେବବ୍ରତ ପଟ୍ଟନାୟକ, ଲୋକସଂପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ଓ ଆୟୋଜକ ଦେବୀପ୍ରସାଦ ଦାଶ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ସୂଚନା ଅଧିକାରୀ ଡ.ନିହାର ରଞ୍ଜନ ସାହୁ, ସାଗର ରଞ୍ଜନ ବାରିକ, ଶୁଭାଶିଷ ଜେନା, ଆଲୋକ ଦାସ, ଅରକ୍ଷିତ ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମ ଦିବସରେ ରୁଚି ମଣ୍ଡପରେ ଗ୍ରାହକମାନଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା।

# ବାଲିଯାତ୍ରାରେ ଭାରତ ମସଲା ଷ୍ଟଲ୍

**କଟକ,୧୫।୧୧(ସମିସ)**

କଟକ ବାଲିଯାତ୍ରାରେ ଭାରତ ମସଲାର ଷ୍ଟଲ ଉଦ୍‌ଘାଟିତ ହୋଇଯାଇଛି। ଉଭୟ ତଳ ଏବଂ ଉପର ପଡ଼ିଆରେ ଭାରତ ମସଲାର ୪ଟି ଷ୍ଟଲ ଖୋଲିଛି। କଟକ ମେୟର ସୁବାସ ସିଂହ ଅତିଥି ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ବିଗତ ବର୍ଷ ଗୁଡିକ



**ଗୋଟିଏ କିଣିଲେ ଗୋଟିଏ ଫ୍ରି, ଇନଷ୍ଟାରେ ଫଲୋ କଲେ ଭାଉଚର**

ଭଳି ଚଳିତଥର ମଧ ବାଲିଯାତ୍ରାରେ ଭାରତ ମସଲା ଆଣିଛି କିଛି ଆକର୍ଷଣୀୟ ଅଫର। ସବୁଥର ଭଳି ଏଥର ମଧ ଷ୍ଟଲ୍‌ରେ ପ୍ରତିଦିନ ଲକି ଡ୍ର ହେବ। ମସଲା କିଣିବା ସହ ଗ୍ରାହକମାନେ କୁପନ୍ ପାଇବେ। ଏଥିରେ ପ୍ରଥମ ପୁରସ୍କାର ଭାବେ ମାଇକ୍ରୋ ଓଭେନ,ଦ୍ୱିତୀୟ ବାଇସାଇକେଲ ଏବଂ ତୃତୀୟ ଉପହାର ରୋଷେଇ ଉପକରଣ ରହିଛି। ଶାନ୍ତ୍ୱନାମୂଳକ ପୁରସ୍କାର ୪ଜଣ ପାଇବେ। ସମସ୍ତଙ୍କୁ ନନଷ୍ଟିକ୍ ତାୱା ଉପହାର ମିଳିବ। ୨୫୦ଟଙ୍କାର ମସଲା କିଣିଲେ ଗୋଟିଏରେ ଗୋଟିଏ ଫ୍ରି ସହିତ ଆକର୍ଷଣୀୟ ଉପହାର ସ୍ୱରୂପ ମଗ୍ ଏବଂ ଇନଷ୍ଟାଗ୍ରାମ କିମ୍ବା ଫେସବୁକ୍‌ରେ ଫଲୋ କଲେ କ୍ୟାସବ୍ୟାକ ଭାଉଚର ଯୋଗାଇ ଦିଆଯିବ। ସେହିପରି ୫୦୦ ଟଙ୍କାରେ ଗ୍ଲାସ ସହ ଉପରୋକ୍ତ ସୁବିଧା ମଧ ଗ୍ରାହକ ପାଇପାରିବେ। କଣ୍ଟେନର, ବକେଟ୍, ଷ୍ଟିଲ ଥାଳି, ହଟକେସ୍ ଟିଫିନ ବକ୍ସ, ସିଲଭର କଏନ, ବ୍ରାଣ୍ଡେଡ ବେଡସିଟ୍ ଆଦି ଉପହାର ରହିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା, ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ସୁମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଅରୁଣ କୁମାର ନାୟକ(ଜିଏମ ଅପରେସନ), ନବକୃଷ୍ଣ ପ୍ରଧାନ(ଜିଏମ ପ୍ରଡକ୍ସନ) ଓ କମ୍ପାନୀର କର୍ମଚାରୀ ଉପସ୍ଥିତ ଥିଲେ।

# ରେଡ ଟେପ୍ ଫ୍ୟାଶନ୍ ବ୍ରାଣ୍ଡ ଆଉଟ୍‌ଲେଟ୍ କଟକରେ



**ପ୍ରତ୍ୟେକ କ୍ରୟ ଉପରେ ୭୦% ରିଆତି**

**କଟକ,୧୫।୧୧(ସମିସ)**

ପ୍ରସିଦ୍ଧ ଜୋତା ଏବଂ ଫ୍ୟାସନ୍ ବ୍ରାଣ୍ଡ ପାଇଁ ଦେଶ ବିଦେଶରେ ନାଁ କରିଥିବା ରେଡ ଟେପ୍ କମ୍ପାନୀ କଟକର ବାଦାମବାଡି ଅଞ୍ଚଳରେ ଏହାର ବ୍ରାଣ୍ଡ ନୂତନ ଅନ୍ ଲାଇନ୍ ଷ୍ଟୋର୍‌ର ଶୁଭାରମ୍ଭ କରିଛି। ଏହା ହେଉଛି ଭୁବନେଶ୍ୱର ପରେ କଟକରେ କମ୍ପାନୀର ଦ୍ୱିତୀୟ ଷ୍ଟୋର। ଓଡ଼ିଶାର ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁର ଭଳି ମେଟ୍ରୋପଲିଟାନ ସିଟିରେ ଆଗାମୀ ଦିନରେ ତାର ନୂତନ ଆଓଟଲେଟ ଖୋଲିବାକୁ ଯାଉଥିବା କ୍ଷେତ୍ର ବ୍ୟବସାୟ ମୁଖ୍ୟ (ଓଡ଼ିଶା) ସଞ୍ଜିତ୍ ମହାନ୍ତି କହିଛନ୍ତି। ବାଦାମବାଡି ପାଲାମଣ୍ଡପ ସମ୍ମୁଖରେ ଥିବା ୪ ହଜାର ବର୍ଗ ପରିମିତ ତିନି ମହଲା ବିଶିଷ୍ଟ ବିଲ୍ଡିଂ ର ପ୍ରଥମ ମହଲାରେ ସବୁବର୍ଗଙ୍କୁ ସୁହାଇବା ଭଳି ମନ ପସନ୍ଦର ପୋଷାକ ପତ୍ର ସହ, ଦ୍ୱିତୀୟ ମହଲାରେ ଖେଳ, ଯୋଗ, ବ୍ୟାୟାମ ପୋଷାକ ଏବଂ ତୃତୀୟ ମହଲା ରେ ପ୍ରିମିୟମ୍ ଫୁଟ ୱାୟର (ଜୋତା), ସ୍ପୋର୍ଟସ ସୁ ରହିଛି, ଯାହାକି ସବୁ ବର୍ଗର ଗ୍ରାହକଙ୍କୁ ଆକର୍ଷିତ କରୁଛି। ଗ୍ରାହକ ଯେ କୌଣସି ଜିନିଷ କିଣିଲେ ସେଥିରେ ୭୦% ରିଆତି ରହିଛି। ବାଦାମବାଡି ଷ୍ଟୋର୍‌କୁ ଏକ ଆଧୁନିକ ଏବଂ ସ୍ୱାଗତ ଯୋଗ୍ୟ ବାତାବରଣରେ ରେଡଟେପ୍‌ର ଆଇକନିକ୍ ସଂଗ୍ରହ ସହିତ ଏକ ନିଖୁଣ ସପିଂ ଅଭିଜ୍ଞତା ପ୍ରଦାନ କରିବାକୁ ଡିଜାଇନ୍ କରାଯାଇଛି। ରେଡଟେପ୍ ଲିମିଟେଡ୍‌ର ନିର୍ଦ୍ଦେଶକ ଅରବିନ୍ଦ ବର୍ମା କହିଛନ୍ତି ଯେ, ରେଡ ଟେପ୍ ଅଭିଜ୍ଞତାକୁ କଟକକୁ ଆଣି ଆମେ ଆନନ୍ଦିତ। ଏହି ଗତିଶୀଳ ସ୍ଥାନ ଆଧୁନିକ ପାଇଁ ଷ୍ଟାଇଲିସ୍ ଏବଂ ଟ୍ରେଣ୍ଡି ପାଦୁକା ଏବଂ ପୋଷାକ ଯୋଗାଇବା ଆମର ବ୍ରାଣ୍ଡର ନୈତିକତା ସହିତ ସମ୍ପୂର୍ଣ୍ଣ ରୂପେ ସଜାଗ ହୋଇଛି। ଏଥିରେ ଜାତୀୟ ମାନବ ଅଧିକାରର ସହ ସମ୍ପାଦକ ଭାସ୍କର ଚନ୍ଦ୍ର ଦ୍ୱାରୀ, ନିମାଇଁ ବିଶ୍ୱାଳ, ସୁରେଶ ପଟେଲ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଏସ୍‌ବିଆଇ ଗୃହ, କାର, ପର୍ସନାଲ ଋଣ ମହଙ୍ଗା

**ନୂଆଦିଲ୍ଲୀ, ୧୫।୧୧ (ଏଜେନ୍ସି):** ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ଏହାର ୩ ଓ ୬ ମାସର ମାର୍ଜିନାଲ୍ କଷ୍ଟ ଅଫ୍ ଫଣ୍ଡସ ବେସଡ୍ ଲେଣ୍ଡିଂ ରେଟ(ଏମସିଏଲଆର)ରେ ବୃଦ୍ଧି ଘଟାଇଛି। ଅନ୍ୟପକ୍ଷରେ ଦିନିକିଆ, ଏକ ମାସିଆ, ଦୁଇ ବର୍ଷିଆ ଓ ତିନି ବର୍ଷିଆ ଅବଧିର ଏମସିଏଲଆର୍‌ରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ବ୍ୟାଙ୍କ ଏମସିଏଲଆର୍‌ରେ ୦.୦୫ ପ୍ରତିଶତ ବୃଦ୍ଧି ଘୋଷଣା କରିଛି। ଏହାଫଳରେ ଗ୍ରାହକଙ୍କ ପାଇଁ କାର ଋଣ ନେବା ମହଙ୍ଗା ହୋଇଯାଇଛି। ଏବେ ବ୍ୟାଙ୍କ ୧.୨୫ ବିଲିୟନ ଡଲାର (ପ୍ରାୟ ୧୦,୫୫୨ କୋଟି ଟଙ୍କା) ପର୍ଯ୍ୟନ୍ତ ଋଣ କରିବାକୁ ପ୍ରସ୍ତୁତି ଚଳାଇଛି। ଏହି ଋଣ ୫ବର୍ଷ ପାଇଁ ନିଆଯିବ।

# ଚାନ୍ଦି ଭଣ୍ଡାର ପକ୍ଷରୁ ରିୟଲ ୱେଡିଂ ଷ୍ଟୋରିଜ୍




**ଭୁବନେଶ୍ୱର,୧୫।୧୧(ସମିସ):** ଚଳିତ ବିବାହ ଋତୁରେ ଚାନ୍ଦି ଭଣ୍ଡାର ଏହାର ନୂତନ କ୍ୟାମ୍ପେନ 'ୱେଡିଂ ଷ୍ଟୋରିଜ ବାୟ ଚାନ୍ଦ ଭଣ୍ଡାର' ଜରିଆରେ ଉକ୍ତ ସ୍ୱତନ୍ତ୍ର ସଂଯୋଗଗୁଡ଼ିକୁ ପାଳନ କରୁଛି। ନିଜ ଯାତ୍ରାରେ ଚାନ୍ଦି ଭଣ୍ଡାରକୁ ସାମିଲ କରିଥିବା ବାସ୍ତବ ଦମ୍ପତିମାନଙ୍କୁ ନେଇ ଏହି କ୍ୟାମ୍ପେନ ପ୍ରସ୍ତୁତ। ୱେଡିଂ ଷ୍ଟୋରିଜ୍ ମାଧ୍ୟମରେ ଚାନ୍ଦି ଭଣ୍ଡାର ଉକ୍ତ ମୁହୂର୍ତ୍ତକୁ ପାଳନ କରୁଛି, ଯାହାକି ବିବାହକୁ ପରିଭାଷିତ କରିଥାଏ। ଏହି ଅବସରରେ ଷ୍ଟୋର ପକ୍ଷରୁ ରୁପା ଗହଣା ଏବଂ ଆର୍ଟିଫାକ୍ଟର ଅନନ୍ୟ କଲେକ୍ସନ ଉପଲବ୍ଧ। ଏ ସମ୍ପର୍କରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କୁହନ୍ତି, ଆମର ସମସ୍ତ ଗହଣା ନିଜ ନିଜ କାଳଜୟୀ ଡିଜାଇନ୍ ସହିତ ପ୍ରତି ବିବାହର ପ୍ରେମ, ପରମ୍ପରା ଏବଂ ସୌନ୍ଦର୍ଯ୍ୟକୁ ପ୍ରତିଫଳିତ କରିଥାଏ। ବିବାହ ଋତୁକୁ ପାଳନ କରିବାକୁ ଚାନ୍ଦି ଭଣ୍ଡାର ଏକ ସୀମିତ ସମୟ ଅଫର ଆଣିଛି। ଏଥିରେ ଗ୍ରାହକ ନଭେମ୍ବର ୧୫ରୁ ଡିସେମ୍ବର ୧୦ ଯାଏ ଆମର ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଗହଣା ଏବଂ କଳାକୃତିର ଗଢ଼ା ମଜୁରିରେ ୩୦% ପର୍ଯ୍ୟନ୍ତ ରିଆତି ପାଇପାରିବେ। ଏହା ମାଧ୍ୟମରେ ପ୍ରକୃତ ଉଦ୍ଦେଶ୍ୟ ହେଉଛି ଚାପି ଭଣ୍ଡାରକୁ ନିଜ ଅର୍ଥପୂର୍ଣ୍ଣ ସେଲିବ୍ରେଶନରେ ସାମିଲ କରିଥିବା ବହୁ ମୂଲ୍ୟବାନ ଗ୍ରାହକଙ୍କୁ କୃତଜ୍ଞତା ଜଣାଇବା।

# ଦେଶରେ ୫୯ କୋଟି ଗେମର୍ସ

**୪୪% ମହିଳା ୨୦୨୯ ସୁଦ୍ଧା ୭୬ ହଜାର କୋଟି ଟପିବ ଗେମିଂ ବଜାର**

**ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି)**

ଭାରତରେ ଗେମିଂ ବଜାର କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏକ ରିପୋର୍ଟ ଅନୁସାରେ ବର୍ତ୍ତମାନ ସମୟରେ ଭାରତୀୟ ଗେମିଂ ବଜାରର ଆକାର ୩.୮ ବିଲିୟନ୍ ଡଲାରରୁ ଅଧିକ ହେବ, ଯାହାର ମୂଲ୍ୟ ଭାରତୀୟ ମୁଦ୍ରାରେ ପ୍ରାୟ ୩୨ ହଜାର କୋଟି ଟଙ୍କା। ୨୦୨୨-୨୩ ଆର୍ଥିକବର୍ଷରେ ଇଣ୍ଡିଆନ ଗେମିଂ ଶିଳ୍ପ ୩.୧ ବିଲିୟନ ଡଲାର ରହିଥିଲା, ଯାହା ୨୩ ପ୍ରତିଶତ ବଢି ୨୦୨୩-୨୪ ଆର୍ଥିକବର୍ଷରେ ୩.୮ ବିଲିୟନ ଡଲାରରେ ପହଞ୍ଚିଛି। ଏହାସହ ଆଗାମୀ ପାଞ୍ଚ ବର୍ଷରେ ଅର୍ଥାତ୍ ୨୦୨୯ ସୁଦ୍ଧା ଭାରତୀୟ ଗେମିଂ ବଜାର ୯.୨ ବିଲିୟନ ଡଲାର ଅର୍ଥାତ୍ ୭୬ ହଜାର କୋଟି ଟଙ୍କା ପାର କରିଯିବ। ଇଣ୍ଟରଆକ୍ଟିଭ ମିଡିଆ ଏବଂ ଗେମିଂ ଭେଞ୍ଚର କ୍ୟାପିଟଲ୍ ଫଣ୍ଡ ଲୁମିକାଇ ଷ୍ଟେଟ୍ ଅଫ୍ ଇଣ୍ଡିଆ ଇଣ୍ଟରଆକ୍ଟିଭ ମିଡିଆ ଆଣ୍ଡ ଗେମିଂ ରିପୋର୍ଟରେ ଏହି ପୂର୍ବାନୁମାନ କରାଯାଇଛି।



ବର୍ତ୍ତମାନ ଦେଶରେ ୫୯ କୋଟି ଗେମର୍ସ ରହିଛନ୍ତି। ଏମାନଙ୍କ ମଧ୍ୟରେ ମହିଳା ଗେମର୍ସଙ୍କ ସଂଖ୍ୟା ୪୪% ଅର୍ଥାତ୍ ୨୬ କୋଟି। ୨୦୨୯ ସୁଦ୍ଧା ଗେମିଂ ବଜାର ୭୬ ହଜାର କୋଟି ଟଙ୍କା ଟପିଯିବ। ଅନଲାଇନ୍ ଗେମିଂ ଉପରେ ସରକାର ମୋଟା ଅଙ୍କର ଜିଏସ୍‌ଟି ଲାଗୁ କରାଯିବା ପରେ ମଧ ଏହି କ୍ଷେତ୍ରର ବୃଦ୍ଧି ଉପରେ ଏହା କୌଣସି ପ୍ରଭାବ ପକାଇପାରିନାହିଁ। ରିପୋର୍ଟ ଅନୁଯାୟୀ, କେବଳ ବଡ଼ ସହରର ନୁହେଁ, ଛୋଟ ସହରରେ ମଧ ଗେମିଂକୁ ନେଇ କ୍ରେଜ୍ ବଢିବାକୁ ଲାଗିଛି। ମେଟ୍ରୋ ସହର ଅପେକ୍ଷା ଅଣ-ମେଟ୍ରୋ ସହରରେ ଅଧିକ ଗେମର୍ସ ଅଛନ୍ତି। ଏଥିରେ ୪୩ ପ୍ରତିଶତ ଗେମର୍ସଙ୍କ ବୟସ ୧୮-୩୦ ବର୍ଷ ମଧ୍ୟରେ, ୩୦-୪୫ ବୟସ ମଧ୍ୟରେ ୨୯ ପ୍ରତିଶତ ଏବଂ ୪୫ ବର୍ଷରୁ ଉର୍ଦ୍ଧ୍ୱ ବୟସର ଗେମର୍ସଙ୍କ ସଂଖ୍ୟା ୨୮ ପ୍ରତିଶତ ରହିଛି। ଦେଶରେ ୫୯.୧ କୋଟି ଆକ୍ଟିଭ ଗେମର୍ସ ରହିଛନ୍ତି ସେଥିରୁ ୨.୩ କୋଟି କେବଳ ଚଳିତ ବର୍ଷ ଯୋଡ଼ି ହୋଇଛନ୍ତି।

ରିପୋର୍ଟରେ କୁହାଯାଇଛି ଯେ ରିୟଲ ମନି ଗେମିଂ (ଆରଏମଜି) ପ୍ଲାଟଫର୍ମ ଦୁଇ କ୍ରିକେଟ୍ ୱାର୍ଲ୍ଡ କପ୍ ଏବଂ ଗୋଟିଏ ଆଇପିଏଲ୍ ଇଭେଣ୍ଟ ସମେତ ଲାଇଭ୍ ସ୍ପୋର୍ଟ୍ସ ସିଜିନ ଯୋଗୁଁ ନିଜ ରେଭେନ୍ୟୁରେ ୪୦୦ ନିୟୁତ ଡଲାର ଯୋଡ଼ିଛି। ତେବେ ୨୮ ପ୍ରତିଶତ ଜିଏସଟି ଯୋଗୁଁ ରିୟଲ ଗେମିଂର ରେଭେନ୍ୟୁ ପ୍ରଭାବିତ ହୋଇଛି ଏବଂ ଲାଭ ମଧ କମ ହୋଇଛି। ଏଥିରେ କୁହାଯାଇଛି ଯେ କାଜୁଆଲ୍ ଏବଂ ହାଇପରକାଜୁଆଲ୍ ଗେମ୍ସରେ ଏହି-ଆପ ପରଚେଜିଂ ରେଭେନ୍ୟୁରେ ୧୦ ପ୍ରତିଶତ ଉଇଏଜ ବୃଦ୍ଧି ଦେଖିବାକୁ ମିଳିଛି। ଭାରତ ଏବେ ମୋବାଇଲ୍ ଗେମିଂ ଡାଉନଲୋଡ୍ ମାମଲାରେ ଦୁନିଆର ଦ୍ୱିତୀୟ ସବୁଠାରୁ ବଡ଼ ବଜାର। ଏହା ଆମେରିକା ଏବଂ ବ୍ରାଜିଲଠାରୁ ୩.୫ ଗୁଣା ବଡ଼। ଆର୍ଥିକବର୍ଷ ୨୪ରେ ୨.୩ କୋଟି ନୂଆ ଗେମର୍ସଙ୍କୁ ଯୋଡ଼ି ଭାରତୀୟ ଗେମିଂ ବଜାର ୫୯ କୋଟି ଗେମର୍ସଙ୍କ ସଂଖ୍ୟା ଛୁଇଁଛି। ଋଣ ୨୪ରେ ୮୦ ଲକ୍ଷ ନୂଆ ପେଡ୍ ୟୁଜର୍ସ ଯୋଡ଼ି ହେବା ପରେ ମୋଟ ପେଡ୍ ୟୁଜର୍ସଙ୍କ ସଂଖ୍ୟା ୧୪.୮ କୋଟି ହୋଇଛି। ଭାରତରେ ଗେମର୍ସ ସପ୍ତାହରେ ହାରାହାରି ୧୦ରୁ ୧୩ ଘଣ୍ଟା ସମୟ ଦେଉଛନ୍ତି। ଗେମରେ ସମୟ ବିତାଯାଉଥିବା ହାରାହାରି ସାପ୍ତାହିକ ସମୟ ୩୦ ପ୍ରତିଶତ ବଢି ୧୦ ଘଣ୍ଟାରୁ ୧୩ ଘଣ୍ଟା ହୋଇଛି।

# ଏଏମ୍ / ଏନ୍ଏସ୍ ଇଣ୍ଡିଆ ପକ୍ଷରୁ କର୍ମଶାଳା




**ଭୁବନେଶ୍ୱର, ୧୫।୧୧ (ସମିସ):** ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ ଏନ୍ଏସ୍ ଇଣ୍ଡିଆ) ପକ୍ଷରୁ ବଡ଼ବିଲଠାରେ ଲୁହାପଥର ଉପକାରିତା ଏବଂ ଖଣିରେ ସ୍ଥାୟୀ ଉତ୍ପାଦକତା ପାଇଁ ଏହାର ବିକାଶ ଶୀର୍ଷକରେ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଛି। ଏହି ଫୋରମରେ ଅନେକ କ୍ଷେତ୍ର ବିଶେଷଜ୍ଞ, ଭାରତରେ ଲୁହାପଥର ସମ୍ପଦର ହ୍ରାସ ପାଉଥିବା ଗ୍ରେଡ୍ ଉପଯୋଗ କରିବାରେ ଖଣି କମ୍ପାନୀଗୁଡିକ ସମ୍ମୁଖୀନ ହେଉଥିବା ଆହ୍ୱାନ ଉପରେ ଆଲୋଚନା କରିଥିଲେ। ଏହି କର୍ମଶାଳାକୁ ଉଦ୍ ଘାଟନ କରି ଏଏମ୍/ ଏନ୍ଏସ୍ ଇଣ୍ଡିଆର ଖଣି ଓ ପ୍ରକଳ୍ପ ନିର୍ଦ୍ଦେଶକ ଆଲୋକ କୁମାର ମେହେଟ୍ଟା ଭାରତ ଭଳି ବିକାଶଶୀଳ ଦେଶ ପାଇଁ ଲୁହାପଥରର ବଢୁଥିବା ଚାହିଦାକୁ ପୂରଣ କରିବା ପାଇଁ ଲୁହାପଥର ସମ୍ପଦର ଉପଯୋଗ ପାଇଁ ଆଧୁନିକ ଉପକାରୀ କୌଶଳ ଅବଲମ୍ବନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କର୍ମଶାଳାରେ ସିଏସ୍ଆଇଆର ଆଇଏମଏମଟି ଭୁବନେଶ୍ୱରର ପୂର୍ବତନ ବୈଜ୍ଞାନିକ ଡ. ଡିଏସ୍ ରାଓ,ବେଙ୍ଗାଲୁରୁର ଖଣିଜ ପ୍ରକ୍ରିୟାକରଣ ବିଶେଷଜ୍ଞ ପ୍ରଫେସର ବି.ପି. ରବି, ବେଙ୍ଗାଲୁରୁର ଡେଲକୋର ଡ. ଭେଙ୍କୋବାରାଓ, ଖଣ୍ଡବନ୍ଧ ସ୍ଥିତ ଟାଟା ଷ୍ଟିଲ୍‌ର ଖଣି ମୁଖ୍ୟ ଜି.ଭି.ସତ୍ୟନାରାୟଣ ପ୍ରମୁଖ ଯୋଗଦେଇଥିଲେ।

